୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.72 Bhubaneswar Tuesday April 23 2024 | ୨୬ତମ ବର୍ଷ ସଂଖ୍ୟା-୭୨ ଭୁବନେଶ୍ୱର, ମଙ୍ଗଳବାର, ଅପ୍ରେଲ ୨୩, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## କମିଟି ନାହିଁ କି ସୁପ୍ରିମୋ ଜାଣୁନାହାନ୍ତି, କିଏ ଚୂଡାନ୍ତ କରୁଛି ବିଜେଡି ଟିକେଟ୍

ଭୁବନେଶ୍ୱର, ୨୨।୪(ପି.ଏନ): ବିଜେଡି ୬ଟି ପର୍ଯ୍ୟାୟରେ ମୋଟ ୧୪୧ଟି ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିସାରିଲାଣି । କିନ୍ତୁ ଆଶ୍ଚର୍ଯ୍ୟର କଥା ଟିକେଟ୍ ଚୂଡାନ୍ତ ପାଇଁ ଦଳ ନିଜସ୍ୱ କମିଟି ଗଠନ କରିନି କି ପ୍ରାର୍ଥୀ ଚୟନ ପୂର୍ବରୁ ଦଳର ସୁପ୍ରିମୋଙ୍କୁ ବି ଭରସାକୁ ନିଆଯାଉନି । ଏପରିକି ଟିକେଟ୍ ଚୟନ ପାଇଁ କୌଣସି ନିର୍ଦ୍ଦିଷ୍ଟ ମାପଦଣ୍ଡ ବି ନିର୍ଦ୍ଧାରଣ ହୋଇନି କିମ୍ବା ସ୍ଥାନୀୟ ଭାବାବେଗକୁ ମଧ୍ୟ ଗୁରୁତ୍ୱ ଦିଆଯାଉନି । ତା'ହେଲେ ଦଳରେ କିଏ ଟିକେଟ୍ ଚୂଡାନ୍ତ କରୁଛି, ସେଭଳି ଚର୍ଚ୍ଚା ଏବେ ବିଜେଡି ମହଲରେ ଜୋରଦାର ହେବାରେ ଲାଗିଛି ।ବିଧାୟିକା ସୁନନ୍ଦ ଦାସ ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯଦି ତାଙ୍କର ରିପୋର୍ଟ ଦେଖିଥାନ୍ତେ ନିଶ୍ଚିତ ତାଙ୍କୁ ପୁଣିଥରେ ଦଳୀୟ ଟିକେଟ୍ ମିଳିଥାନ୍ତା । କିଛି ଚକ୍ରାନ୍ତକାରୀ ତାଙ୍କ ଟିକେଟକୁ କାଟି ଦେଇଛନ୍ତି । ଯାହାଙ୍କୁ ଟିକେଟ୍ ଦିଆଯାଇଛି ତାଙ୍କଠୁ ନିଶ୍ଚିତ ଭାବେ ସେମାନେ କିଛି ପାଇଥିବେ, ତେଣୁ ଟିକେଟ୍ ଦେଇଛନ୍ତି । ନହେଲେ ତାଙ୍କ ସପକ୍ଷରେ ୪୭ ପଂଚାୟତରୁ ୩୨ ପଂଚାୟତର ସଭ୍ୟ-ସରପଂଚ ସମର୍ଥନ ରହିଥିବା ଓ ବାରମ୍ବାର ସର୍ଭେ ? ରିପୋର୍ଟ ତାଙ୍କ ସପକ୍ଷରେ ଆସି ମଧ୍ୟ ତାଙ୍କୁ କିଭଳି ଟିକେଟରୁ ବଂଚିତ କରାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି ।ସୁନନ୍ଦାଙ୍କ ଏହି ଅଭିଯୋଗ ପରେ ବିଜେଡିର ଟିକେଟ୍ ବଂଟନ ପ୍ରକ୍ରିୟା ପୁଣିଥରେ ସନ୍ଦେହଘେରକୁ ଟାଣି ହୋଇଯାଇଛି । ପୂର୍ବରୁ ଆଦିବାସୀ ନେତା କୈଳାସଚନ୍ଦ୍ର କୁଲେସିକା ବିଜେଡିରେ ଟିକେଟ୍ ଦେବାରେ ଖଣି ଲବି କାମ କରୁଛି ବୋଲି ଅଭିଯୋଗ ଆଣି ବିଜେପିରେ ସାମିଲ ହୋଇଥିଲେ । ତେବେ ସୁନନ୍ଦା ଓ କୁଲେସିକାଙ୍କ ଭଳି ବିଜେଡି ସଂଗଠନ ସହ ଜଡିତ ଥିବା ନେତାମାନଙ୍କ ଏଭଳି ବୟାନ ହିଁ ବିଜେଡିର ଆଭ୍ୟନ୍ତରୀଣ ବିଶୃଙ୍ଖଳାକୁ ପଦାରେ ପକାଇ ଦେଇଛି ।ରାଜନୀତିକ ସମୀକ୍ଷକଙ୍କ ମତରେ, ସାଧାରଣତଃ ବିଜେପି-କଂଗ୍ରେସ ଓ ଅନ୍ୟ ଆଂଚଳିକ ଦଳଗୁଡିକରେ ଗଣତାନ୍ତ୍ରିକ ଢଙ୍ଗରେ ଟିକେଟ୍ ଚୟନ ପ୍ରକ୍ରିୟା ହୋଇଥାଏ । ସମ୍ପୃକ୍ତ ଦଳଗୁଡିକ ନିଜର ନିର୍ବାଚନ କମିଟି ଗଠନ କରି ଟିକେଟ୍ ଘୋଷଣା କରିବାର ପରମ୍ପରାକୁ ନିର୍ବାହ କରିଥାନ୍ତି । ଯଦିଓ ଆଂଚଳିକ ଦଳଗୁଡିକରେ ସୁପ୍ରିମୋ ହିଁ ସର୍ବେସର୍ବା । ତେବେ ବିଜେଡି ଏକମାତ୍ର ଦଳ ଯିଏ ନିର୍ବାଚନରେ ପ୍ରାର୍ଥୀ ଚୟନ ପାଇଁ କୌଣସି ନିର୍ବାଚନ କମିଟି(ପରମ୍ପରା ନିର୍ବାହ ପାଇଁ ବି ହେଉ)ଗଢ଼ିବାକୁ ଆଗ୍ରହ ଦେଖାଇନାହିଁ ।




## ନିର୍ବାଚନୀ ପ୍ରଚାର ସମୟରେ ଅସୁସ୍ଥ ହେଲେ ଅରୂପ ପଟ୍ଟନାୟକ

ପିପିଲି, ୨୨।୪(ପି.ଏନ): ପିପିଲିରେ ନିର୍ବାଚନୀ ପ୍ରଚାର କରୁଥିବା ସମୟରେ ହଠାତ ଅସୁସ୍ଥ ହେଲେ ପୁରୀ ବିଜେଡି ଲୋକସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ । ଏହା ପରେ ପ୍ରଥମେ ପିପିଲି ହସ୍ପିଟାଲକୁ ଅଣାଯାଇଥିଲା । ପରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି ।ସୂଚନାରୁ ପ୍ରକାଶ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପିପିଲି ବିଧାୟକ ରୁଦ୍ର ମହାରଥୀଙ୍କ ସହ ପ୍ରଚାର କରୁଥିଲେ ଅରୂପ । ରୁଦ୍ରଙ୍କ ନେତୃତ୍ୱରେ ସୋମବାର ବିଜେଡିର ଏକ ବିଶାଳ ଶୋଭାଯାତ୍ରା ଉତ୍ତର ବଜାର ଠାରୁ ବାହାରି ପିପିଲି ବ୍ଲକର ବିଭିନ୍ନ ପଞ୍ଚାୟତ ପରିକ୍ରମା କରୁଥିବା ବେଳେ ହଠାତ ଅରୂପ ଅସୁସ୍ଥ ହୋଇପଡିଥିଲେ । ରାଜ୍ୟରେ ଜାରି ରହିଥିବା ଗ୍ରୀଷ୍ମ ଲହରୀ ଭିତରେ ଖରାକୁ ଖାତିର ନକରି ପ୍ରଚାର କାର୍ଯ୍ୟରେ ମାତିଛନ୍ତି ବିଭିନ୍ନ ରାଜନୈତିକ ଦଳର ନେତା, ମନ୍ତ୍ରୀ ଓ କର୍ମୀମାନେ ।

## ୨୪ରୁ ନିର୍ବାଚନ ପ୍ରଚାର ଆରମ୍ଭ କରିବେ ମୁଖ୍ୟମନ୍ତ୍ରୀ: ହିଞ୍ଜିଳିରୁ ହେବ ଅୟମାରମ୍ଭ



ଭୁବନେଶ୍ୱର: ନିର୍ବାଚନ ଯେତେ ପାଖେଇ ଆସୁଛି ସେତେ ବଢୁଛି ଚର୍ଚ୍ଚା । ଏବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚାର ଯୁଦ୍ଧକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଆସନ୍ତା ୨୪ ତାରିଖରୁ ବିଜେଡି ସୁପ୍ରିମୋ ପ୍ରଚାର ମଇଦାନକୁ ଓହ୍ଲାଇବେ ବୋଲି ଜାଣିବାକୁ ମିଳିଛି । ତେବେ ଏହି ମହାଯୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ ଟାର୍ଗେଟ ପାଲଟିଛି ହିଞ୍ଜିଳି ନିର୍ବାଚନ ମଣ୍ଡଳୀ । ଏହି ହିଞ୍ଜିଳିରୁ ହିଁ ଚଳିତ ନିର୍ବାଚନର ପ୍ରଚାର ମଙ୍ଗ ଧରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହାପରେ ୨୫ ତାରିଖରେ ରାୟଗଡାରେ ହେବ ଶକ୍ତ ପ୍ରଦର୍ଶନ କରିବ ବିଜୁ ଜନତା ଦଳ ।

## ବିଜେପିକୁ ଫେରିଲେ ବିମ୍ବାଧର, କହିଲେ- ଗତ ନିର୍ବାଚନରେ ପ୍ରାର୍ଥୀ ପିଛା ବିଜେଡି ବାଣ୍ଟିଥିଲା ୧୦ରୁ ୧୮ କୋଟି

ଭୁବନେଶ୍ୱର, ୨୨।୪(ପି.ଏନ): ବିଜେଡି ଛାଡି ବିଜେପିକୁ ଫେରିଛନ୍ତି ପୂର୍ବତନ ଭଟଲୀ ବିଧାୟକ ତଥା ମନ୍ତ୍ରୀ ବିମ୍ବାଧର କୁଅଁର। ଭୁବନେଶ୍ୱର ସ୍ଥିତ ବିଜେପି କାର୍ଯ୍ୟାଳୟରେ ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟମାନଙ୍କ ଉପସ୍ଥିତିରେ ସେ ଦଳରେ ଯୋଗ ଦେଇଛନ୍ତି। ବିଜେପିକୁ ଫେରିବା ପରେ ସେ ବିଜେଡିର ଅନେକ ଗୁମର ଖୋଲିଛନ୍ତି। ବିମ୍ବାଧର କୁଅଁର କହିଛନ୍ତି, ଆପଣମାନେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଗୋଟିଏ ଗୋଟିଏ ନିର୍ବାଚନରେ ବିଜେଡି କେନ୍ଦୁଝର ଜିଲ୍ଲାରୁ କେତେ ଅର୍ଥ ସଂଗ୍ରହ କରେ। ତେବେ ଏଠାରେ ମୁଁ ସେ କଥା କହିବି ନାହିଁ। ସାରା ଭାରତ ବର୍ଷରେ କୌଣସି ଦଳ ପାଖରେ ଏତିକି ଫଣ୍ଡ ନଥିବ ଯେତିକି ବିଜେଡି କେବଳ କେନ୍ଦୁଝର ଜିଲ୍ଲାରୁ ସଂଗ୍ରହ କରେ। ମୁଁ ନିଜେ ଅନେକ କଥା ଡିଲ୍ କରିଛି। ଗତ ନିର୍ବାଚନରେ ଜଣେ ଜଣେ ବିଧାୟକ ପ୍ରାର୍ଥୀଙ୍କୁ ବିଜେଡି ତରଫରୁ ୧୭ରୁ ୧୮ କୋଟି ଟଙ୍କା ଦିଆଯାଇଥିଲା। ପ୍ରାର୍ଥୀମାନଙ୍କୁ ସର୍ବନିମ୍ନ ୧୦ କୋଟି ଓ ସର୍ବାଧିକ ୧୭/୧୮ କୋଟି ଟଙ୍କା ଦିଆଯାଇଛି। ପ୍ରତ୍ୟେକ ପ୍ରାର୍ଥୀଙ୍କୁ ଏହି ହିସାବରେ ଟଙ୍କା ଦିଆଯାଇଛି। ତା'ଠାରୁ ଅଧିକ ଦିଆଯାଇଛି କି ନାହିଁ, ସେ ନେଇ ମୋ ପାଖରେ ସୂଚନା ନାହିଁ। ମୁଁ ନିଜେ ଏଥିରେ ସଂପୃକ୍ତ ରହିଥିଲି। କେହି ଏହାକୁ ମନା କରିପାରିବେନି।



## ଇସ୍ପାତନଗରୀ ରାଉରକେଲାରେ କିଏ ମାରିବେ ବାଜି ?

ଭୁବନେଶ୍ୱର, ୨୨।୪(ପି.ଏନ): ଇସ୍ପାତନଗରୀ ରାଉରକେଲାରେ ତିନି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀ ମଇଦାନରେ। ପ୍ରାର୍ଥୀ ଘୋଷଣା ପରେ ଆରମ୍ଭ ହୋଇଛି ପ୍ରଚାର। ଡୋର୍ ଟୁ ଡୋର ଯାଉଛନ୍ତି ପ୍ରାର୍ଥୀ। ଆଉ ନିଜ ପାଇଁ ମାଗୁଛନ୍ତି ଭୋଟ୍। କିନ୍ତୁ ସବୁ ନିଷ୍ପତ୍ତି ଜନତା ଜନାର୍ଦ୍ଦନଙ୍କ ଉପରେ। ସେପଟେ ଦେଖିବାକୁ ଗଲେ ଏଥର ରାଉରକେଲାରୁ ବିଜେପିରୁ ପ୍ରାର୍ଥୀ ହୋଇଛନ୍ତି ହେଭିୱେଟ୍ ଦିଲୀପ ରାୟ। ତାଙ୍କୁ କଡା ଟକ୍କର ଦେବା ପାଇଁ ମଇଦାନକୁ ଆସିଛନ୍ତି ବିଜେଡିରୁ ଶାରଦା ନାୟକ ଓ କଂଗ୍ରେସରୁ ବୀରେନ୍ଦ୍ର ନାଥ ପଟ୍ଟନାୟକ।ବିଜେପି ହେଭିୱେଟ୍ ଦିଲ୍ଲୀପ ରାୟ। ୨୦୧୪ରେ ବିଜେପି ଟିକେଟରେ ଜିତିଥିଲେ। ହେଲେ ୨୦୧୯ରେ ଲଢ଼ି ନଥିଲେ। କିନ୍ତୁ କୋଇଲା ଦୁର୍ନୀତି ମାମଲାରୁ କୋର୍ଟରୁ ଆଶ୍ୱସ୍ତି ମିଳିବା ପରେ ଏଥର ପୁଣି ତାଙ୍କୁ ରଣଭୂମୀକୁ ଓହ୍ଲାଇଛି ବିଜେପି। ଟିକେଟ୍ ? ପାଇବା ପରଠୁ ସେ ବିଜେପି ନେତା ଓ କର୍ମୀଙ୍କୁ ନେଇ ଘନ ଘନ ରଣନୀତି ପ୍ରସ୍ତୁତି କରିବା ସହ ଡୋର ଟୁ ଡୋର କ୍ୟାମ୍ପେନିଂ କରୁଛନ୍ତି। ମୋଦି ଗ୍ୟାରେଣ୍ଟି, ବ୍ରାହ୍ମଣୀ ନଦୀରେ ନୂଆ ସେତୁ ଓ ତାଙ୍କ ଅମଳରେ ରାଉରକେଲା ସହରର ବିକାଶକୁ ନେଇ ଭୋଟରଙ୍କ ପାଖକୁ ଯାଉଛନ୍ତି।



KISS

KALINGA INSTITUTE OF SOCIAL SCIENCES

## KALINGA INSTITUTE OF SOCIAL SCIENCES (KISS)

Bhubaneswar, Odisha, India

A home for 80,000 indigenous children



## KISS HUMANITARIAN AWARD 2021

Date: 22nd April 2024

### PAST RECIPIENTS

**Mr. Bill Gates**
Co-chair of the Bill & Melinda Gates Foundation, and Co-Founder & former CEO of Microsoft **(2023)**

**Her Excellency Mama Rachel Ruto, EGH**
First Lady of the Republic of **Kenya (2022)**

**Dr. Dansa KOUROUMA**
President, National Transition Council of Guinea, **Guinea (2019)**

**Professor Muhammad Yunus**
(Nobel Laureate) Founder, Grameen Bank, **Bangladesh (2018)**

**His Holiness The 14th Dalai Lama (2017)**
Nobel Laureate, 2005 and Spiritual Leader

**Ms. Ashley Judd,**
Hollywood Actor, Activist & Global Goodwill Ambassador, **UNFPA (2016)**

**His Excellency Dr Alejandro Toledo,**
Former President of **Peru (2015)**

**Ms. Anne F. Stenhammer**
Former Regional Programme Director, UN Women, **South Asia Regional Office (2014)**



Mr. Ratan Naval Tata, Chairman Emeritus, Tata Sons receiving the prestigious KISS Humanitarian Award 2021 from Prof. Achyuta Samanta, Founder, KIIT, KISS & KIMS, Bhubaneswar.

AWARDEES ARE FROM

5 Continents

13 Countries

2 Nobel Laureates among the awardees

**Madam Albina Du Boisrouvray**
Founder, Association François-Xavier Bagnoud (FXB International), **Switzerland (2013)**

**His Excellency Lyonchhen Jigmi Y. Thinley**
Hon'ble Prime Minister, The Royal Government of **Bhutan (2012)**

**Rt Hon. Lord Nicholas Addison Phillips**
President (Chief Justice) of the Supreme Court of the **United Kingdom (2011)**

**Rt. Hon. Sir Anerood Jugnauth**
Eminent Social Worker & His Excellency the President of **Mauritius (2010)**

**Dr. Ham Kee-Sun**
Eminent Educationist & Physician and Hon'ble President & Founder, Hanseo University, **South Korea (2009)**

**Ms. Edna Bomo Molewa**
Noted Social Worker & Hon'ble Cabinet Minister, Social Development, South Africa National Assembly, **South Africa (2008)**

The KISS Humanitarian Award is a prestigious annual international award conferred by the Kalinga Institute of Social Sciences (KISS) in Bhubaneswar, India, conceptualized and the brainchild of visionary humanitarian and educationist Prof. Achyuta Samanta, Founder of KIIT and KISS. The award was initiated in 2008 to recognize and felicitate individuals for their exemplary and distinguished service to humanity across the globe.

www.kiss.ac.in | www.kiit.ac.in | www.achyutasamanta.com | facebook.com/kissfoundation | facebook.com/KIITUniversity | facebook.com/achyutasamanta








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ୟୈସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




**ଭୁବନେଶ୍ୱର, ୨୦୨୪, ଅପ୍ରେଲ ୨୩**

# ଅବକ୍ଷୟରୁ ମୁକ୍ତି ଦେବ ଭାଗବତ


ପ୍ରଦୀପ୍ତ କୁମାର ଜେନା

ଭଗବାନ ବିଷ୍ଣୁଙ୍କ ଅଂଶାବତାର କୃଷ୍ଣ ଦ୍ୱିପାୟନ ବ୍ୟାସ ଦେବ ସତର ଖଣ୍ଡ ପୁରାଣ ଓ ଉପ ପୁରାଣ ରଚନା କରିସାରିବା ପରେ ସେ, ଖୁସି ନଥିଲେ କିମ୍ବା ତାଙ୍କର ଆତ୍ମତୃପ୍ତି ନଥିଲା । ସେ ଅନୁଭବ କରୁଥିଲେ ସତେଯେପରି ତାଙ୍କର ସମସ୍ତ ସୃଷ୍ଟି ନିଷ୍ଫଳ । ଦିନେ ହଠାତ ନାରଦ ମହର୍ଷି ତାଙ୍କ ନିକଟରେ ଆବିର୍ଭାବ ହୋଇ ତାଙ୍କ ମନର ଅବସ୍ଥା ଜାଣିବାକୁ ଚାହିଁଲେ । ବ୍ୟାସଦେବଙ୍କ କଥା ଶୁଣିବା ପରେ ମହର୍ଷି ନାରଦ ଭଗବାନ କୃଷ୍ଣଙ୍କ ଲୀଳା ସମ୍ପର୍କୀୟ ଏକ ପୁସ୍ତକ ଭାଗବତମ୍ ରଚନା କରିବାକୁ ଉପଦେଶ ଦେଲେ । ସ୍ୱୟଂ ନାରଦ ମୁନି ତାଙ୍କ ପିତା ବ୍ରହ୍ମ ଦେବଙ୍କଠାରୁ ଭାଗବତର ଦଶଗୋଟି ଶ୍ଳୋକ ଶୁଣିଥିଲେ । ସେହି ଦଶଗୋଟି ଶ୍ଳୋକକୁ ମହର୍ଷି ଏକଶହ ଶ୍ଳୋକରେ ବ୍ୟାସ ଦେବଙ୍କୁ କହିଲେ । ବ୍ରହ୍ମ ଦବଙ୍କୁ ସ୍ୱୟଂ ଭଗବାନ ଭାଗବତର ଚାରୋଟି ଶ୍ଳୋକ କହିଥିବା କଥା ନାରଦ ମହର୍ଷି ପ୍ରକାଶ କରିଥିଲେ । ମୁନିଙ୍କ ଠାରୁ ଏକଶହ ଶ୍ଳୋକ ଶୁଣିବା ପରେ ବ୍ୟାସଦେବ ଅତ୍ୟନ୍ତ ଆନନ୍ଦିତ ହେଲେ ଓ ସଂସ୍କୃତ ଭାଗବତମ୍ ରଚନା କରିବା ପାଇଁ ଆଗ୍ରହ ପ୍ରକାଶ କଲେ । ପରବର୍ତ୍ତି ଅବସ୍ଥାରେ ବ୍ୟାସଦେବ ଅଠର ହଜାର ଶ୍ଳୋକରେ ଭଗବାନ କୃଷ୍ଣଙ୍କ ଲୀଳା ସମ୍ବନ୍ଧୀୟ ସଂସ୍କୃତ ଭାଗବତମ୍ ରଚନା କଲେ । ଏହି କାର୍ଯ୍ୟରେ ଗଣେଶ ଦେବ ତାଙ୍କୁ ସହାୟତା କରିଥିବା କଥା ଆମ ଶାସ୍ତ୍ରରେ ଉଲ୍ଲେଖ ଅଛି । ଭାଗବତମ୍ ରଚନା କରି ବ୍ୟାସଦେବ ଅତ୍ୟନ୍ତ ଆନନ୍ଦିତ ହେଲେ ଓ ଏହି ଗ୍ରନ୍ଥକୁ ପ୍ରଚାର ପ୍ରସାର କରିବ ପାଇଁ ତାଙ୍କର ପୁତ୍ର ଆଜନ୍ମ ବ୍ରହ୍ମଚାରୀ ବିଶିଷ୍ଟ ଯୋଗୀ ଓ ପରମହଂସ ଶୁକମୁନିଙ୍କ ଉପରେ ଦାୟିତ୍ୱ ଅର୍ପଣ କଲେ । ପାଣ୍ଡବମନେ ସ୍ୱର୍ଗାରୋହଣ କରିବା ପରେ ସମଗ୍ର ହସ୍ତିନାପୁରର ଦାୟିତ୍ୱ ରାଜା ପରିକ୍ଷିତଙ୍କ ଉପରେ ରହିଲା । ତାଙ୍କ ରାଜତ୍ୱ କାଳରେ କଳିର ପ୍ରବେଶ ହୋଇସାରିଥିଲା । ରାଜା ଦିନେ ମୃଗୟା ନିମିତ୍ତ ଜଙ୍ଗଲକୁ ଯାଇଥିବା ଅବସ୍ଥାରେ ତାଙ୍କୁ ପ୍ରବଳ ତୃଷା ହେବାରୁ ସେ ନିକଟସ୍ଥ ସମୀକ ଋଷିଙ୍କ କୁଟୀରକୁ ଯାଇ ନିଜର ତୃଷା ମେଣ୍ଟାଇବାକୁ ଧ୍ୟାନରତ ମୁନିଙ୍କୁ ଜଳ ପାଇଁ ଆହ୍ୱାନ କରିଥିଲେ । ତପସ୍ୱୀ ରାଜାଙ୍କ କଥାକୁ କର୍ଣ୍ଣପାତ ନକରିବାରୁ ରାଜା କ୍ରୋଧିତ ହୋଇ ଏକ ମୃତ ସର୍ପ ମୁନିଙ୍କ ଗଳାରେ ଝୁଲାଇ ଦେଇଥିଲେ । ମୁନିଙ୍କ ପୁଅ ଶୃଙ୍ଗୀ ନିଜ ପିତାଙ୍କ ଗଳାରେ ଏକ ମୃତ ସର୍ପକୁ ଦେଖିବାପରେ କ୍ରୋଧିତ ହୋଇ ରାଜା ପରୀକ୍ଷିତଙ୍କୁ ସାତ ଦିନ ଭିତରେ ତକ୍ଷକ ଦଂଶନ କରିବାର ଅଭିଶାପ ଦେଇଥିଲେ । ମୁନିଙ୍କ ଅଭିଶାପ ପରେ ରାଜା ବିଚଳିତ ହୋଇପଡ଼ିଥିଲେ ଓ କିଭଳି ବ୍ରହ୍ମ ସାପ୍ୟରୁ ନିଜକୁ ରକ୍ଷା କରିବେ ଚିନ୍ତା କରି ଗୁରୁ ଓ ମୁନି ଋଷିମାନଙ୍କ ପରାମର୍ଶ ଲୋଡ଼ିଥିଲେ । ପରାମର୍ଶ ଅନୁଯାୟୀ ରାଜା ନିଜର ସିଂହାସନ ତ୍ୟାଗ କରି ଗଙ୍ଗା ନଦୀକୂଳକୁ ଅସି ତପସ୍ୟା କରିଥିଲେ ଓ ଭଗବାନଙ୍କୁ ଆରାଧନା କରିଥିଲେ । ଭଗବାନଙ୍କ ନିର୍ଦ୍ଦେଶ କ୍ରମେ ଶୁକ ମୁନି ଯେ କି କୁରୁଜଙ୍ଗଲ ନାମକ ସ୍ଥାନରେ ବୁଲୁଥିଲେ । ସେ ଅସି ଗଙ୍ଗା କୂଳରେ ପହଞ୍ଚି ରାଜା ପରିକ୍ଷିତଙ୍କୁ ସାତ ଦିନ ବ୍ୟାପି ଭାଗବତ ଶ୍ରବଣ କରାଇଥିଲେ । ଏହି ଭାଗବତ ଶୁଣିବା ପାଇଁ ବ୍ୟାସଦେବ ସମେତେ ହଜାର ହଜାର ମୁନିଋଷି ଓ ସ୍ୱର୍ଗର ଦେବତାମନେ ସେଠାରେ ସମବେତ ହୋଇ ଥିଲେ । ରାଜା ପରିକ୍ଷିତ ଏକନିଷ୍ଠ ଚିତ୍ତରେ ଶୁକମୁନିଙ୍କଠାରୁ ଭାଗବତ ଶ୍ରବଣ କରି ବ୍ରହ୍ମ ସ୍ୟାପରୁ ମୁକ୍ତି ପାଇଥିଲେ ଓ ତାଙ୍କୁ ନେବା ପାଇଁ ସ୍ୱର୍ଗରୁ ବିମାନ ଆସିଥିଲା । କୁହାଯାଏ ତାଙ୍କର ଜଡ଼ ଶରୀରକୁ ତକ୍ଷକ ଦଂଶନ କରିଥିଲା । କେବଳ ପରୀକ୍ଷିତ ଯେ ଭାଗବତ ଶ୍ରବଣ କରି ମୋକ୍ଷ ଲାଭ କରିଥିଲେ ତାହା ନୁହେଁ; ଦୁନ୍ଦୁକାରୀ ଯେକି ଜଣେ ଜଘନ୍ୟ ପାପୀ ଥିଲା ଓ ତା'ର ଦେହା' ହେବା ପରେ ତାର ଆତ୍ମା ମୋକ୍ଷ ପାଇପାରୁନଥିଲା ପ୍ରେତ ହୋଇ ଘୁରିବୁଲୁଥିଲା, ତା'ର ଭାଇ ଗୋକର୍ଣ୍ଣ ଭାଗବତ ସପ୍ତାହ କରିବା ସହିତ ଦୁନ୍ଦୁକାରୀ ଏକ ନିଷ୍ଠ ଚିତ୍ତରେ ଶ୍ରବଣ କରିବ ଫଳରେ ତାର ଆତ୍ମା ମୋକ୍ଷ ଲାଭ କରିଥିଲା, ଯାହାକି ଭାଗବତ ମହାତ୍ମ୍ୟରେ ଉଲ୍ଲେଖ ଅଛି । ଭାଗବତମ୍ ଏକ ମୋକ୍ଷ ପ୍ରଦାୟିନୀ ଗ୍ରନ୍ଥ । ଏହା ସ୍ୱୟଂ ଭଗବାନ କୃଷ୍ଣଙ୍କ ବାଙ୍ମୟ ରୂପ । ଭଗବାନ ଯେତେବେଳେ ନିଜର ଲୀଳାଖେଳା ସାରି ସ୍ୱଧାମକୁ ପ୍ରତ୍ୟାବର୍ତ୍ତନ କରିବାକୁ ଚିଂ । କଲେ ଉଦ୍ଧବ ଭଗବାନଙ୍କୁ ପ୍ରଶ୍ନ କଲେ କହିଲେ, 'ପ୍ରଭୁ ଆପଣଙ୍କ ଆବର୍ତ୍ତନରେ ମଣିଷ ସମାଜ ଜୀବ ଜଗତ କିପରି ବଞ୍ଚିବେ ?' ଏହି ସମୟରେ ଉଦ୍ଧବ ଦେଖିବାକୁ ପାଇଲେ ଯେ ଭଗବାନଙ୍କ ଗୋଟିଏ ରୂପ ଭାଗବତ ଭିତରେ ପ୍ରବେଶ କରିଗଲେ । ତେଣୁ ଏହି କଳିଯୁଗରେ ଭାଗବତ ହିଁ ମଣିଷକୁ ମୁକ୍ତିର ରାସ୍ତା ଦେଖାଇପାରିବ ବୋଲି ଉଦ୍ଧବ ଓ ବିଦୁର କଥୋପକଥନ ଭିତରେ ଉଲ୍ଲେଖ କରାଯାଇଛି । ଭଗବତମ୍ ଅତ୍ୟନ୍ତ ପବିତ୍ର ଗ୍ରନ୍ଥ ଯେଉଁଥିରେ ଭଗବାନଙ୍କ ବାଲ୍ୟ ଲୀଳାଠାରୁ ଆରମ୍ଭ କରି ଶେଷ ଜୀବନ ପର୍ଯ୍ୟନ୍ତ ବର୍ଣ୍ଣନା କରାଯାଇଛି । ଏଥିରେ ଭକ୍ତି ଜ୍ଞାନ, ବୈରାଗ୍ୟ ଓ ତତ୍ତ୍ୱର ମଧୁର ସମ୍ମିଶ୍ରଣ ରହିଛି । ମୂଳ ସଂସ୍କୃତ ଭାଗବତରୁ ବିଭିନ୍ନ ଭାଷାରେ ପରବର୍ତ୍ତି ଅବସ୍ଥାରେ ଅନୁବାଦ କରାଯାଇଛି । ଷଷ୍ଠଦଶ ଶତାବ୍ଦୀ ବେଳକୁ ଭକ୍ତ କବି ଜଗନ୍ନାଥ ଦାସ ସଂସ୍କୃତ ଭାଗବତକୁ ସହଜ ସରଳ ଓଡ଼ିଆ ଭାଷାରେ ଓ ନବାକ୍ଷରୀ ଛନ୍ଦରେ ଅନୁବାଦ କରି ପ୍ରତ୍ୟେକ ଓଡ଼ିଆର ହୃଦୟକୁ ସ୍ପର୍ଶ କରିଥିଲେ । ଓଡ଼ିଆ ଭାଗବତ ପ୍ରତ୍ୟେକ ଓଡ଼ିଆ ଘରେ ପୂଜା ପାଉଥିଲା ଓ ଗାଁ ଗାଁ ରେ ଭାଗବତ ଟୁଙ୍ଗିମାନ ଗଠନ ହୋଇ ପ୍ରତ୍ୟେକ ସନ୍ଧ୍ୟାରେ ଭାଗବତ ପରାୟଣ କରାଯାଉଥିଲା । ପଣ୍ଡିତ ଶ୍ରୀଧର ସ୍ୱାମୀ ଭଳି ଆହୁରି ଅନେକ ପଣ୍ଡିତ ସଂସ୍କୃତ ଭାଗବତକୁ ଓଡ଼ିଆରେ ଅନୁବାଦ କରି ପାଠକମାନଙ୍କୁ ଖୋରାକ ଯୋଗାଇଥିଲେ । ଷଷ୍ଠଦଶ ଶତାବ୍ଦୀରେ ପ୍ରାୟ ୯୯ଭାଗ ଲୋକ ନିରକ୍ଷର ଥିଲେ । ଭାଗବତ ଲୋକଲୋଚନକୁ ଆସିବ ପରେ ଭାଗବତ ପାଠ କରିବା ପାଇଁ ଯେତିକି ଜ୍ଞାନ ଆବଶ୍ୟକ ହେଉଥିଲ ଲୋକମନେ ଗ୍ରାମ ଚାଟଶାଳୀରେ ସେତିକି ଶିକ୍ଷା କରୁଥିଲେ । ଝିଅ ବିଭାଘର ସମୟରେ ବର ଘର ତରଫରୁ ଝିଅ ଭାଗବତ ପଢ଼ି ଜାଣିଛି କି ନାହିଁ ପଚରା ଯାଉଥିଲା । ଝିଅ ଯଦି ଭାଗବତ ଦୁଇ ଅକ୍ଷର ପଢ଼ି ଜାଣୁଥିଲା ବର ପକ୍ଷ ତରଫରୁ ବିଭାଘର ପାଇଁ ଅନୁମତି ମିଳିଯାଉଥିଲା । ମଣିଷର ଶେଷ ସମୟରେ ମୃତ୍ୟୁଶଯ୍ୟା ନିକଟରେ ଭାଗବତ ପରାୟଣ କରାଯାଉଥିଲା । ଅମର ଭାଗବତ ଓ ଭଗବଦ୍ ଗୀତା କହନ୍ତି ଯେ ମଣିଷ ତା'ର ଶେଷ ନିଃଶ୍ୱାସ ତ୍ୟାଗ କରିବା ସମୟରେ ଯଦି ସେ ଭଗବାନଙ୍କୁ ସ୍ମରଣ କରେ ବା ତାଙ୍କର ରୁପକୁ ମନେ ପକେଇ ଦେହତ୍ୟାଗ କରେ ସେ ମୋକ୍ଷ ଲାଭ କରେ । ସେଥିପାଇଁ ଭାଗବତ ଓ ଗୀତାକୁ ମୋକ୍ଷ ପ୍ରଦାୟିନୀ ଗ୍ରନ୍ଥ ବୋଲି କୁହାଯାଏ । କୁହାଯାଏ ପରମଶାସ୍ତ୍ର ଭାଗବତ ଅଭ୍ୟାସ କରୁଥିବ ନିତ୍ୟ ଭଗବଦ୍ ଗୀତାରେ ଉଲ୍ଲେଖ ଅଛି 'ଯଂ ଯଂ ବାପି ସ୍ମରାନ୍‌ଭବଂ ତ୍ୟପତ୍ୟନ୍ତେ କଳେବରମ୍ ତଂ ତମେବୈତି କୌନ୍ତେୟ ସଦାତତ୍ ରାବଭାବିତଃ ।' (ଅଷ୍ଟମ ଅଧ୍ୟାୟ ଶ୍ଳୋକ-୬) ଆଜି ଭାଗବତ ଟୁଙ୍ଗି ଓ ଭାଗବତ ସଂସ୍କୃତି ଅବକ୍ଷୟମୁଖୀ । ଆଜିର ଯୁବପିଢ଼ୀ ଗୀତା ଓ ଭାଗବତ ପଢିବା ତ ଦୂରର କଥା ଆସ୍ତେ ଆସ୍ତେ ସେମାନେ ଆମର ଧର୍ମ ଓ ସଂସ୍କୃତି ଠାରୁ ଦୂରେଇଯିବାର ଦେଖା ଯାଉଛି । ପରିବାରରେ ପିତା ମାତା ନାଁ ବିଦ୍ୟାଳୟ ରେ ଗୁରୁ ମାନେ କେହି ହେଲେ ପିଲାମାନଙ୍କୁ ଗୀତା ଭାଗବତ ପଢିବା ପାଇଁ ପ୍ରୋତ୍ସାହନ ଦେଉନାହାନ୍ତି । ଫଳରେ ଆମ ଧର୍ମ ସଂସ୍କୃତିଠାରୁ ସେମାନେ ଦୁରେଇ ଯାଉଛନ୍ତି । ବାବା ବୈକୁଣ୍ଠ ନାଥ ବ୍ରହ୍ମଚାରୀ କହିଥିଲେ 'ନିତି ଭାଗବତ ପଢ । ସେଇ ଭାବରେ ମନକୁ କର ତୁ ଦୃଢ ।' ଭାଗବତ ଖାଲି ପଢିଲେ ହେବ ନି, ସେହି ଆଧାତ୍ମିକ ରସକୁ ଆକଣ୍ଠ ପାନ କରିବା ଉଚିତ । ଇଂରେଜମନେ ଭାରତ ବର୍ଷର ଶାସନ ହାତକୁ ନେବା ପରେ ଅମର ଗୁରୁକୁଳ ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଦେଇ ପାଶ୍ଚାତ୍ୟ ଶିକ୍ଷାକୁ ପ୍ରୋତ୍ସାହନ ଦେଲେ, ଯେଉଁଥିପାଇଁ ଆଜି ସାମାଜିକ ସ୍ଖଳନ ଦେଖିବାକୁ ମିଳୁଛି । ଆସନ୍ତୁ ଏହି ଅବକ୍ଷୟମୁଖୀ ସଂସ୍କୃତିକୁ ରକ୍ଷା କରିବା ପାଇଁ ଆମ ପିଲାମାନଙ୍କୁ ଗୁରୁକୁଳ ପଦ୍ଧତିରେ ଶିକ୍ଷା ଦେବା ସହିତ ଆମ ଧର୍ମର ପବିତ୍ର ଗ୍ରନ୍ଥ ଭାଗବତ ଓ ଭଗବଦ ଗୀତା ସମ୍ପର୍କରେ ଶିକ୍ଷଦାନ କରିବା ଓ ପ୍ରତି ଗାଁରେ ଭାଗବତ ଟୁଙ୍ଗିର ପୁନଃରୁଦ୍ଧାର କରି ଲୋକ ମାନଙ୍କ ମନରେ ଅଧତ୍ମିକତାର ସ୍ରୋତ ପ୍ରବାହିତ କରିବା ।

*ଅବସରପ୍ରାପ୍ତ ପୋଲିସ୍ ଅଫିସର୍*
*ମୋ : ୮୨୪୯୨୮୧୫୬୭*

# ଅନ୍ୟ ପାଇଁ ବଞ୍ଚିବାର ସଂକଳ୍ପ ନେବା


ଆଶୁତୋଷ ନାୟକ

ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶେଷ୍ଠ ପ୍ରାଣୀ । ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣିତ ଅଛିଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶେଷ୍ଟ,ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ ପ୍ରାଣୀ । ସେଥିପାଇଁ ଶ୍ରୀମଦଭାଗବତମ୍ଂ ୭/ ୬/ ୨ ରେ ଏହା ବର୍ଣିତ ଅଛି,

'କୌମାର ଆଚ୍‌ରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ ।
ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍ ।'

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ । ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ । ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ । ଏହା ଚିରନ୍ତନ ସତ୍ୟ । ମନୁଷ୍ୟ ଜୀବନ ମଧ କ୍ଷଣସ୍ଥାୟୀ । ପାଣି ଫୋଟକା ପରି ମନୁଷ୍ୟ ର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ ।

ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟଂତ୍ରଣରେ ନଥାଏ । ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ । କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଇଶ୍ୱରଙ୍କ ଅସିତ୍ୱ ଉପରେ ପ୍ରଶ୍ନବାଚ୍ୀ ସୃଷ୍ଟି କରୁଛି । ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ । ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା ।

ଜିତେନ୍ଦ୍ର ଆୱ୍ହାଡ଼ ଏନସିପି ଦଳର ନେତା ଏବେ ନିକଟରେ ଅତ୍ୟନ୍ତ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ସେ ହିନ୍ଦୁଙ୍କ ଆରାଧ୍ୟ ଦେବତା ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କୁ ଆମିଷ ଭକ୍ଷଣକାରୀ ବୋଲି ଦର୍ଶାଇଥିଲେ ଯାହାକି ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ କରିଛି । ସେହିପରି କଂଗ୍ରେସ ନେତା ଅଞ୍ଜନେୟ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କୁ ପ୍ରଭୁ ଶ୍ରୀରାମ ସହ ତୁଳନା କରିଛନ୍ତି ଏହା ଅତ୍ୟନ୍ତ ହୀନ ଏବଂ ଶସ୍ତା ରାଜନୀତି । ସମାଜବାଦୀ ଦଳର ନେତା ସ୍ୱାମୀ ପ୍ରସାଦ ମୌରିୟା ହିନ୍ଦୁ ଧର୍ମ ବିରୁଦ୍ଧରେ ଅତ୍ୟନ୍ତ ଆପତ୍ତିଜନକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ଏହିପରି ଅନେକ କ୍ଷମତାପିପାସୁ ରାଜନେତା ଭୋଟ ବ୍ୟାଙ୍କ ରାଜନୀତି ପାଇଁ ବିଭିନ୍ନ ଧର୍ମ ବିରୋଧୀ ମନ୍ତବ୍ୟ ଦେବାରେ ପଛଘୁଞ୍ଚା ଦେଉନାହାନ୍ତି । କିଛି ଦିନ ପୂର୍ବରୁ ତାମିଲନାଡ଼ୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ପୁଅ ଉଦୟନିଧି ଷ୍ଟାଲିନ ଏବଂ ଡିଏମକେର ଅନ୍ୟତମ ବରିଷ୍ଠ ନେତା ଏ ରାଜା ହିନ୍ଦୁ ସନାତନ ଧର୍ମ ବିରୁଦ୍ଧରେ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ଅଶୋଭନୀୟ ଏବଂ ଦୁର୍ଭାଗ୍ୟଜନକ ।

କିଛିଦିନ ପୂର୍ବରୁ ଉଦୟନିଧି ଷ୍ଟାଲିନ କଳାକାର ଓ ଲେଖକଙ୍କ ପକ୍ଷରୁ ଆୟୋଜିତ ସଭାରେ ହିନ୍ଦୁ ସନାତନ ଧର୍ମ ବିରୋଧ ରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ । ସେ ସନାତନ ଧର୍ମକୁ ଡେଙ୍ଗୁ ମେଲେରିଆ ସହିତ ତୁଳନା କରିଥିଲେ । ଏବଂ ଏହାକୁ ସମ୍ପୂର୍ଣ ମୂଳଉପ୍ତାଟନ କରାଯିବା ଦରକାର ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିଲେ । ଏତାଦୃଶ ଘୃଣା ଏବଂ ହିଂସା ଉଦ୍‌ରେକକାରୀ ମନ୍ତବ୍ୟ ପାଇଁ ଡିଏମକେ ନେତା ଉଦୟନିଧି ଷ୍ଟାଲିନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦେଶର ୨୬୦ ଜଣ ପ୍ରମୁଖ ବ୍ୟକ୍ତିବିଶେଷ ସର୍ବୋଚ୍ଚ ନ୍ୟାୟଳୟର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ କଂ ନିକଟକୁ ଚିଠି ଲେଖିଛନ୍ତି । ଚିଠି ଲେଖିଥିବା ପ୍ରମୁଖ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଅଛନ୍ତି ଦିଲ୍ଲୀ ଉଚ୍ଚ ନ୍ୟାୟଳୟର ପୂର୍ବତନ ବିଚାରପତି ଏସ ଏନ ଧୀଙ୍ଗ୍ରା । ଚିଠିରେ ଉଲ୍ଲେଖ କରାଯାଇଛି ଯେ ଉଦୟନିଧି ଦେଇଥିବା ମନ୍ତବ୍ୟ ହିଂସା ଓ ଘୃଣା ସୃଷ୍ଟିକାରୀ । ସେଥିପାଇଁ ତାଙ୍କ ବିରୋଧ ରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ । ଏହାଛଡା ତାମିଲନାଡୁ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ, ରାଜ୍ୟ ସରକାରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରିବାକୁ ଦାବି କରାଯାଇଛି । ସେ ଚିଠିରେ ଆହୁରି ମଧ୍ୟ ଏହା ଉପସ୍ଥାପନ କରାଯାଇଛି କି ଭାରତ ଭଳି ଧର୍ମନିରପେକ୍ଷ ରାଷ୍ଟ୍ରରେ ଘୃଣା ଉଦ୍‌ରେକକାରୀ ମନ୍ତବ୍ୟ ସମ୍ବିଧାନର ଧର୍ମନିରପେକ୍ଷ ଧାରା ଉପରେ ହସ୍ତକ୍ଷେପ ସଦୃଶ ବୋଲି ଚିଠିରେ ଉପସ୍ଥାପନା କରାଯାଇଛି ।

ଉଦୟ ନିଧିଙ୍କ ମନ୍ତବ୍ୟ ସହିତ ସମସ୍ୱରମିଳାଇ ଡି ଏମ୍ କେ ର ଅନ୍ୟତମ ବରିଷ୍ଠ ନେତା ଏ ରାଜା ସର୍ବପୁରାତନ ସନାତନ ଧର୍ମକୁ ସମାଜରେ ଘୃଣିତ ଏଚ୍ ଆଇ ଭି (ଏଡସ୍) ଓ କୁଷ୍ଠ ରୋଗ ସହିତ ତୁଳନା କରିଛନ୍ତି । ଚେନ୍‌ନେଇ ର ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଏ ରାଜା ସନାତନ ଧର୍ମକୁ ଏଚ୍ ଆଇ ଭି ଓ କୁଷ୍ଠ ରୋଗଭଳି ଘୃଣା କରାଯିବା ଦରକାର ବୋଲି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରା ର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା ।

କ୍ଷମତା ପିପାସୁ ରାଜନେତା ସଂଖ୍ୟାଲଘୁ ସଂପ୍ରଦାୟକୁ ଖୁସି କରାଇବା ଲକ୍ଷ୍ୟରେ ଦିଆଯାଉଥିବା ହିନ୍ଦୁ ସନାତନ ଧର୍ମ ବିରୋଧରେ ମନ୍ତବ୍ୟ ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ । ସଂଯମତା, ଶାଳୀନତା ଏବଂ ନୈତିକ ମୂଲ୍ୟବୋଧ ର ଅଭାବ ଥିବା ଏକବିଂଶ ଶତାବ୍ଦୀର ରାଜନେତା ଏହାକୁ ଭୁଲିଯାଇଛନ୍ତି ସର୍ବପୁରାତନ ସନାତନ ଧର୍ମର ଅପମାନ ଅର୍ଥ ଅନନ୍ତ କୋଟି ବ୍ରହ୍ମାଣ୍ଡନାୟକ ବଡଠାକୁର ଜଗତରନାଥ ଜଗନ୍ନାଥଙ୍କ ମର୍ଯ୍ୟାଦାହାନି । ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ଅହିଂସା ।

ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ନିଜକୁ ସର୍ବଶେଷ୍ଠ ସର୍ବଶକ୍ତିମାନ ମନେକରୁଥିବା ଏକବିଂଶ ଶତାବ୍ଦୀର ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତିର ଅଧିକାରୀ ହୋଇମଧ ଅନେକ ବ୍ୟକ୍ତି ଅଶାନ୍ତିରେ କାଳାତିପାତ କରୁଛନ୍ତି । ସବୁକିଛି ସୁଖ ସ୍ୱାଛନ୍ଦ୍ୟ, ଦାମୀ ଗାଡି, ସୁରମ୍ୟ ଅଟ୍ଟାଳିକା,ସୁନା,ରୁପା, ହୀରା ଅଳଙ୍କାର ଥିଲେ ମଧ ମାନସିକ ଅବସାଦ ଏବଂ ଅତ୍ୟଧିକ ଚାପଗ୍ରସ୍ତ ହୋଇ ସୁଶାନ୍ତ ସିଂ ରାଜପୁତଙ୍କ ଠାରୁ ଆରମ୍ଭ କରି ଅନେକ ହିନ୍ଦୀ, ତେଲୁଗୁ, କନ୍ନଡ଼ ସିନେମା ଅଭିନେତା, ଉଚ୍ଚପ୍ରଦସ୍ତ ଅଧିକାରୀ,ପୋଲିସ ଅଫିସର, ଆଇଏସ ଅଫିସର ଆତ୍ମହତ୍ୟାର ରାସ୍ତା ବାଛିନେଉଛନ୍ତି । ଏହାର ଅନେକ ଦୃଷ୍ଟାନ୍ତ ରହିଛି । ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ଜାଣି ମଧ ମନୁଷ୍ୟ ନିଶାଦ୍ରବ୍ୟ ସେବନ କରୁଛି । ମଦ୍ୟପାନ ଠାରୁ ଆରମ୍ଭ କରି ପାନ,ଗୁଟକା , ସିଗାରେଟ, ହିରୋଇନ,ଡ୍ରଗସ ସେବନ କରି ନିଜ ଜୀବନକୁ ରସାତଳଗାମୀ କରିଦେଉଛି ଏବଂ ତା ସହିତ ତାର ହସ ଖୁସି ପରିବାରକୁ ନଷ୍ଟ କରିଦେଉଛି । ସେଥିପାଇଁ ପରମଶାସ୍ତ୍ର ଭାଗବତ ରେ କୁହାଯାଇଛି,

'ଆପଣା ହସ୍ତେ ଜିହ୍ୱା ଛେଦି
କେ ଅଛି ତାର ପ୍ରତିବାଦୀ '

ଏହାର ଅର୍ଥ ମନୁଷ୍ୟ ନିଜେ ନିଜକୁ ଧ୍ୱଂସ କରୁଛି । ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା ଅତ୍ୟନ୍ତ ମରାତ୍ମକ ବ୍ୟାଧି ଯେପରି କ୍ୟାନସର,ଶ୍ୱାସ ରୋଗ, ହୃଦରୋଗ, କିଡ଼ନୀ ଜନିତ ଗମ୍ଭୀର ରୋଗ ଏହିପରି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ମନୁଷ୍ୟ ଠାରେ ପରିଲକ୍ଷିତ ହେଉଛି । ଏବେ ନିକଟରେ ଓଡ଼ିଆ ସିନେଜଗତରେ ଜଣେ ଆଗଧାଡିର ଅଭିନେତା ସାତ୍ୟକି ମିଶ୍ର ସମଗ୍ର ଓଡିଶା ବାସୀଙ୍କୁ ନିଜର ଭିଡିଓ ସନ୍ଦେଶ ମାଧ୍ୟମରେ ନିଶାଦ୍ରବ୍ୟ ସେବନ ନକରିବା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି । ସେ ନିଜେ ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା କିପରି ଏକ ବର୍ଷ ଧରି ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରି କଷ୍ଟ ପାଇଛନ୍ତି ତାହା ଉପସ୍ଥାପନା କରିଛନ୍ତି । ଆମ ସମାଜରେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଅର୍ଥ ଏବଂ ଧନସମ୍ପତ୍ତିକୁ ନିଜର ସର୍ବସ୍ୱ ମନେକରନ୍ତି । ସ୍ନେହ, ପ୍ରେମ, ଆନ୍ତରିକତା, ମାନବିକତା, ଦୟା, କ୍ଷମା, ଆଦର୍ଶତା, ନିଷ୍ଠା, ନୈତିକ ମୂଲ୍ୟବୋଧ, ନିସ୍ୱାର୍ଥପରତା, ତ୍ୟାଗ ସେମାନଙ୍କ ପାଇଁ ମୂଲ୍ୟହୀନ । ନିଜର ଏବଂ ନିଜ ପରିବାର ବ୍ୟତୀତ ଅନ୍ୟ କଥା ଭାବିବା ପାଇଁ ତାଙ୍କ ପାଖରେ ସମୟ ନଥାଏ । ସେମାନେ ସଦାସର୍ବଦା ନିଜର ସ୍ୱାର୍ଥ ପାଇଁ ଅନ୍ୟମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିଥାନ୍ତି । ଆପେ ବଞ୍ଚିଲେ ବାପର ନାଁ ନୀତିରେ ସେମାନେ ସଦାସର୍ବଦା କାର୍ଯ୍ୟ କରନ୍ତି ।

ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶେଷ୍ଟ, ସର୍ବଶକ୍ତିମାନ ମନେକରୁଛି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମସୀମାରେ । ଇଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର । ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି । ଏହାଛଡା ନିରୀହ ପଶୁ,ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି । କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି । ଝିଟିପିଟି ଯେପରି ରାତିସାରା ଅନେକ ପୋକ ଝିଣ୍ଟିକା ଖାଇ ପ୍ରାତଃ ସମୟରେ ମହାପୁରୁଷଙ୍କ ଫୋଟ ପଛପଟେ ଲୁଚି ଯାଏ ଏକ ବିଂଶ ଶତାବ୍ଦୀ ମନୁଷ୍ୟର ଚରିତ୍ର ଠିକ୍ ସେହିପରି ।

୧୪୦ଖଣ୍ଡ କାରରେ ବସି ବୁଲୁଥିବା ଏବଂ ୧୦୦୦୦କୋଟିରୁ ଅଧିକ ସମ୍ପତ୍ତିର ଅଧିକାରୀ ଥିବା ଆମ ଓଡିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବହୁ ଚେଷ୍ଟା କରି ମଧ ନିଜ ଜୀବନ ବଞ୍ଚାଇପାରିନଥିଲେ । ଯଦି ପୁଳାପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ବଳରେ ସବୁକିଛି ହୋଇପାରୁଥାନ୍ତା ତାହେଲେ ସବୁ ନେତା, ମନ୍ତ୍ରୀ, ଅଫିସର ଅମର ହୋଇଯାଇଥାନ୍ତେ । ସେଥିପାଇଁ ଆମ ଶାସ୍ତ୍ରରେ କୁହାଯାଇଛି

'ଦଇବ ଦଉଡି ମଣିଷ ଗାଈ
ଯେଣିକି ଟାଣଇ ଶେଣିକି ଯାଇ'

ଆସନ୍ତୁ ଏଇ ନୂତନ ବର୍ଷକୁ ସ୍ୱାଗତ କରିବା ସହିତ ସଂକଳ୍ପ ନେବା ଆମ ରାଷ୍ଟ୍ର ତଥା ବିଶ୍ୱର କଲ୍ୟାଣ ପାଇଁ ଈଶ୍ୱରଙ୍କ ପାଖରେ ହାତଯୋଡି ପାର୍ଥନା କରିବା ଏବଂ ଅନ୍ୟ ପାଇଁ ବଞ୍ଚିବାର କଳା ଶିଖିବା, ନିଜ ମନ ଭିତରେ ଥିବା ଅହଂଭାବ ଓ ଆତ୍ମବଡିମା ପରିତ୍ୟାଗ କରିବା

*ଗୋପାଳପୁର, ବାଲେଶ୍ୱର*
*ମୋବାଇଲ-୭୦୨୦୬୧୧୩୦୦*

# ୭୫ ବର୍ଷ ହେଲା ନିର୍ବାଚନରେ ପ୍ରସଙ୍ଗ ହୋଇଛି ଗରୀବ ହଟାଓ


ଗୋପାଳ ମହାପାତ୍ର

ଲୋକସଭା ନିର୍ବାଚନ ପାଇଁ ରାଜନୈତିକ ବାତାବରଣ ଉଷ୍ମରୁ ଉଷ୍ମତର ହେବାରେ ଲାଗିଛି । ଦେଶ ସ୍ୱାଧିନ ହେବାର ୭୫ ବର୍ଷ ପରେ ମଧ ଦେଶରେ ଦାରିଦ୍ର୍ୟ ନିର୍ବାଚନା ଏକ ପ୍ରମୁଖ ପ୍ରସଙ୍ଗ ହୋଇଛି । ୧୯୫୨ ମସିହାରେ ଦେଶରେ ହୋଇଥିବା ପ୍ରଥମ ସାଧାରଣ ନିର୍ବାଚନରେ ମଧ ଦେଶରୁ ଦାରିଦ୍ର୍ୟ ଦୂରୀକରଣ ପ୍ରସଙ୍ଗ ଥିଲା । ୧୯୭୧ର ଲୋକସଭା ନିର୍ବାଚନରେ ଇନ୍ଦିରାଗାନ୍ଧୀ "ଗରୀବ ହଟାଓ" ସ୍ଲୋଗାନ ଦେଇଥିଲେ । କୁହାଯାଏ ଯେ ଇନ୍ଦିରାଗାନ୍ଧୀଙ୍କ ପ୍ରମୁଖ ଶଚୀବ ପିଏନ ... ଙ୍କ ପରାମର୍ଶ କ୍ର;ମ ଏହି ସ୍ଲୋଗାନ ସ୍ଥିର କରାଯାଇଥିଲା । ଏବେ ୨୦୧୪ରେ ଯେତେବେଳେ ଭାରତରେ ୧୮ଶ ଲୋକସଭା ପାଇଁ ନିର୍ବାଚନ ହେବାକୁ ଯାଉଛି ସେତିକିବେଳେ ମଧ ଏହି ଦାରିଦ୍ର୍ୟ ଦୂରୀକରଣ ଏକ ପ୍ରସଙ୍ଗ ହୋଇଛି । ପାର୍ଥକ୍ୟ ଏତିକି ଯେ ବର୍ତ୍ତମାନ ଶାସନରେ ଥିବା ବିଜେପି ସରକାର ତାଙ୍କ କାର୍ଯ୍ୟକାଳ ସମୟରେ ୨୫ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟ ସୀମା ରେଖା ତଳୁ ଉଠିଛନ୍ତି ବୋଲି କହୁଛି । ବିରୋଧି ଦଳମାନେ କିନ୍ତୁ ଭିନ୍ନ ଭିନ୍ନ ସଂଖ୍ୟା ଦେଖାଇ ବିଜପି ସରକାରର ଏହି ଦାବିକୁ ଭୁଲ ବୋଲି ପ୍ରମାଣିତ କରିବାର ଚେଷ୍ଟା କରୁଛନ୍ତି ।

ଲୋକସଭା ନିର୍ବାଚନ ପାଇଁ ପ୍ରଚାର କରିବାକୁ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶର ଏକ ଜନସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଇଣ୍ଡିଆ ମେଣ୍ଟକୁ କଡ଼ା ଭାଷାରେ ସମାଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ରାହୁଲଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ "କଂଗ୍ରେସର ରାଜକୁମାର ଗୋଟିଏ ଝଟକାରେ ଦେଶରୁ ଦାରିଦ୍ର୍ୟ ହଟାଇ ଦେବେ ବୋଲି କହୁଛନ୍ତି, ତେବେ ଏଇ ଯାଦୁକର ଜଣକ ଏତେ ବର୍ଷ ହେଲା ଥିଲେ କେଉଁଠି ? ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ୫୦ ବର୍ଷୟ ପୂର୍ବେ ଇନ୍ଦିରାଗାନ୍ଧୀ 'ଗରୀବ ହଟାଓ' ସ୍ଲୋଗାନ ଦେଇଥିଲେ । ୨୦୧୪ ପୂର୍ବରୁ କଂଗ୍ରେସ ମଧ୍ୟ ୧୦ବର୍ଷ ଶାସନ କରୁଥିଲା ହେଲେ ଏବେ କେମିତି ତାଙ୍କୁ ଦାରିଦ୍ର୍ୟ ଦୂର କରିବାର ମନ୍ତ୍ର ମିଳିଗଲା । ଏମିତି କହି କଂଗ୍ରେସ ହାସ୍ୟାସ୍ପଦ ହେଉଛି ବୋଲି କହିଥିଲେ ମୋଦୀ ।

୨୦୧୪ର ପ୍ରାରମ୍ଭରେ ଦେଶର ନୀତି ଆୟୋଗ କହିଥିଲେ ଯେ ବିଗତ ୯ବର୍ଷ ମଧ୍ୟରେ ୨୫ କୋଟି ଲୋକ ଦାରିଦ୍ର୍ୟ ସୀମା ରେଖାରୁ ଉପରକୁ ଉଠିଛନ୍ତି । ଭାରତର ସମୁଦାୟ ଜନସଂଖ୍ୟାରେ ଗରୀବଙ୍କ ଅନୁପାତ ମାତ୍ର ୫ ପ୍ରତିଶତରୁ ଅଧିକ ନୁହେଁ ବୋଲି ମଧ ନୀତି ଆୟୋଗ ଏକଥା କହିଥିଲେ ସେଇ ଆଧାରକୁ ନେଇ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଉଛନ୍ତି । ଯେଉଁ ସର୍ବେକ୍ଷଣକୁ ଆଧାର କରି ନୀତି ଆୟୋଗଙ୍କ ସିଇଓ କହିଥିଲେ ଯେ ଦେଶର ସମୁଦାୟ ଜନସଂଖ୍ୟାର ୫ ପ୍ରତିଶତ ହୋଇଛନ୍ତି ଗରୀବ ସେଇ ସର୍ବେକ୍ଷଣ ୨୦୨୨ ଅଗଷ୍ଟମାସରୁ ୨୦୨୩ ଜୁଲାଇ ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ୮୭୨୩ ଗ୍ରାମ ଏବଂ ୬୧୧୫ ସହରର ୨୬୧୭୪୫ ଘରକୁ ସାମିଲ କରାଯାଇଥିଲା । ଏଥିମଧ୍ୟରୁ ୬୦ ପ୍ରତିଶତ ଗ୍ରାମାଞ୍ଚଳର ଘର ବା ପରିବାର ଏବଂ ୪୦ ପ୍ରତିଶତ ସହରାଞ୍ଚଳର ପରିବାରରୁ ସର୍ବେକ୍ଷଣ ଟିମ୍ ତଥ୍ୟ ସଂଗ୍ରହ କରିଥିଲେ । ସର୍ବେକ୍ଷଣରୁ ପ୍ରାପ୍ତ ତଥ୍ୟରୁ ଜଣାପଡ଼ିଥିଲା ଯେ ସମୁଦାୟ ଜନସଂଖ୍ୟାର ୫୦ ପ୍ରତିଶତ ଗ୍ରାମାଞ୍ଚଳର ବ୍ୟକ୍ତି ଖର୍ଚ୍ଚ ୩୦୯୪ଟଙ୍କା ଏବଂ ସହରାଞ୍ଚଳର ପ୍ରତି ବ୍ୟକ୍ତିଙ୍କ ଖର୍ଚ୍ଚ ୪୯୬୩ ଟଙ୍କାରୁ ଅଧିକ ନୁହେଁ । ସବୁଠାରୁ ଗରୀବ ୫ ପ୍ରତିଶତ ଗ୍ରାମାଞ୍ଚଳର ଲୋକ ୧୩୭୩ ଟଙ୍କାରେ ଓ ସହରାଞ୍ଚଳ ଲୋକେ ୨୦୦୧ ଟଙ୍କାରେ ଗୁଜୁରାଣ ମେଣ୍ଟାଇଥାନ୍ତି । ହିସାବ କଲେ ଗ୍ରାମାଞ୍ଚଳ ଲୋକଙ୍କ ଦୈନନ୍ଦିନର ଖର୍ଚ୍ଚ ୪୫ ଟଙ୍କା ଓ ସହରାଞ୍ଚଳ ଲୋକଙ୍କର ଦୈନିକ ଖର୍ଚ୍ଚ ୬୬ ଟଙ୍କା । ଦେଶର ୫ ପ୍ରତିଶତ ଲୋକଙ୍କ ଅବସ୍ଥା ଏଇଆ ।

ହାର୍ଭାର୍ଡ ବିଜିନେସ ସ୍କୁଲରେ ପଢିଥିବା ଏବଂ ଡକ୍ଟର ମନମୋହନ ସିଂହଙ୍କ ସରକାରରେ ଅର୍ଥମନ୍ତ୍ରୀ ଥିବା ପି.ଚିଦାମ୍ବରମ ନୀତି ଆୟୋଗର ଏହି ରିପୋର୍ଟ ତ୍ରୁଟିପୂର୍ଣ୍ଣ ବୋଲି କହୁଛନ୍ତି । ପି.ଚିଦାମ୍ବରମ ଦେଶରେ ୫ ପ୍ରତିଶତ ଗରୀବ ଅଛନ୍ତି ବୋଲି ଯାହା ବିଜେପି ସରକାର କହୁଛି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଏବଂ କହିଛନ୍ତି ଯେ ଯଦି ସରକାର ଯାହା କହୁଛନ୍ତି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଏବଂ କହିଛନ୍ତି ଯେ "ଯଦି ସରକାର ଯାହା କହୁଛନ୍ତି ଠିକ୍ ତେବେ ସରକାର କାହିଁକି ୮୦ କୋଟି ଲୋକଙ୍କୁ ମାସିକ ୫ କେଜି ଲେଖାଁଏ ମାଗଣା ଖାଦ୍ୟଶଷ୍ୟ ଦେଉଛନ୍ତି ?" ଅର୍ଥଶାସ୍ତ୍ର ସ୍ୱାମୀନାଥନ ଆୟର ମଧ ନୀତି ଆୟୋଗର ସର୍ବେକ୍ଷଣ ଠିକ ବୋଲି ମାନୁନାହାଁନ୍ତି । ଇଂରାଜୀ ସମ୍ବାଦପତ୍ର ଟାଇମ୍ସ ଅଫ୍ ଇଣ୍ଡିଆରେ ସ୍ୱାମୀନାଥନ ଏକ ନିବନ୍ଧ ଏ ପ୍ରସଙ୍ଗରେ ଲେଖିଛନ୍ତି । ସେ ଲେଖିଛନ୍ତି ଯେ ସର୍ବେକ୍ଷଣର ତଥ୍ୟ ଏବଂ ଏହାର ବିଶ୍ଳେଷଣ ଉଭୟେ ତ୍ରୁଟିପୂର୍ଣ୍ଣ । ଅର୍ଥଶାସ୍ତ୍ରୀ ସୁରଜିତ ଭାଲ୍ଲା ମଧ ଏହି ରିପୋର୍ଟ ଉପରେ ଏକମତ ନୁହଁନ୍ତି । ଏମାନଙ୍କ ମତରେ ୨୦୧୧-୧୨ରୁ ଅଦ୍ୟାବଧି ମାତ୍ର ଦୁଇ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି । ଭାଲ୍ଲାଙ୍କ ମତରେ ଦୈନିକ ୭୦ଟଙ୍କାରୁ କମ୍ ବ୍ୟୟ କରୁଥିବା ଲୋକ ଗରୀବ । କିନ୍ତୁ ନୀତି ଆୟୋଗ ପକ୍ଷରୁ ସର୍ବେକ୍ଷଣ ସଠିକ୍ ବୋଲି କୁହାଯାଉଛି । ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଥିବା ଲୋକଙ୍କ ବାବଦରେ ଆକଳନ ପାଇଁ ସୀମାରେଖା ଉପରକୁ ଉଠିଥିବା ଲୋକଙ୍କ ବାବଦରେ ଆକଳନ ପାଇଁ ନୀତି ଆୟୋଗ ପକ୍ଷରୁ ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜୀବନଯାପନ ପ୍ରଣାଳି ଭଳି ମାପଦଣ୍ଡକୁ ଆଧାର କରାଯାଇଥିଲା ବୋଲି କୁହାଯାଇଛି । ସୂଚନା ଯୋଗ୍ୟ ଯେ କିଏ କେତେ ଗରୀବ ସେ ବାବଦରେ ଜାଣିବା ପାଇଁ ବ୍ୟକ୍ତିର ଆୟ ବା ତାର ଖର୍ଚ୍ଚ କରିବାର କ୍ଷମତାର ଆକଳନ କରାଯାଇଥାଏ ।

ହଙ୍ଗର ୱାଚ ନ୍ୟାସନାଲ ସର୍ଭେର ତଥ୍ୟ ଅନୁସାରେ ୨୦୧୨ ଡିସେମ୍ବରରୁ ୨୦୨୨ ଜାନୁୟାରୀ ମଧ୍ୟରେ ଲୋକଙ୍କ ଆୟ ବା ରୋଜଗାର ହ୍ରାସ ପାଇଛି । ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀ ଏବଂ ମଧ୍ୟମ ବର୍ଗର ଲୋକମାନଙ୍କର ଖାଇବା ପିଇବାରେ ମଧ ଅବ୍ୟବସ୍ଥା ଦେଖାଦେଇଥିଲା । ହଙ୍ଗର ୱାଚର ସର୍ବେକ୍ଷଣରେ ୮୦ ପ୍ରତିଶତ ଲୋକ ଖାଦ୍ୟ ସୁରକ୍ଷାର ସମସ୍ୟା କଥା ଦର୍ଶାଇଥିଲେ । ୨୫ ପ୍ରତିଶତ ଲୋକେ କମ୍ ଖାଦ୍ୟ ଖାଉଥିବା ଏବଂ ଅନେକ ସମୟରେ ଉପବାସ ରହୁଥିବା କଥା କହିଥିଲେ । ଏତଦ୍ ବ୍ୟତୀତ ପ୍ୟୁ ରିସର୍ଚ୍ଚ ସେଣ୍ଟରର ଏକ ରିପୋର୍ଟ ଏ ପ୍ରସଙ୍ଗରେ ଅନେକ ତଥ୍ୟ ଉପସ୍ଥାପନ କରିଛି । ପ୍ୟୁ ରିସର୍ଚ୍ଚ ସେଣ୍ଟରର ତଥ୍ୟ ଅନୁସାରେ କୋରନା ମହାମାରୀ କାରଣରୁ ଦେଖାଦେଇଥିବା ଆର୍ଥିକ ମାନ୍ଦାବସ୍ଥା ପାଇଁ ୨୦୨୨ରେ ଭାରତରେ ପାଖାପାଖି ୭୫ ନିୟୁତରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳକୁ ଖସିଯାଇଥିଲେ । ଏହି ସର୍ବେକ୍ଷଣରେ ପ୍ରତିଦିନ ୨ଡଲାର (୧୬୫ଟଙ୍କା) ବା ତାଠାରୁ କମ୍ ଖର୍ଚ୍ଚରେ ଗୁଜୁରାଣ ମେଣ୍ଟାଉଥିବା ଲୋକଙ୍କୁ ଗରୀବ ବୋଲି ପରିଭାଷିତ କରାଯାଇଛି ।

ବର୍ତ୍ତମାନର ସରକାର ଦାରିଦ୍ର୍ୟ ଦୂରୀକରଣ ନାମରେ ଅନେକ ଯୋଜନା ଚଳାଉଛନ୍ତି ଓ ନିର୍ବାଚନରେ ଏହାକୁ ନେଇ ଲୋକଙ୍କୁ ଭୋଟ ମାଗିବାର ଯୋଜନା କରିଛି ଯାହାର ଝଲକ ବିଜ୍ଞାପନ ଏବଂ ଭାଷଣରେ ଦେଖିବାକୁ ମିଳୁଛି । ଗରୀବଙ୍କୁ ନଜରରେ ରଖି କେନ୍ଦ୍ର ସରକାରଙ୍କ ଚଳାଉଥିବା ଯୋଜନା ମଧ୍ୟରେ ରହିଛି ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଅନ୍ନ ଯୋଜନା, ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା, ଜଳ ଜୀବନ ମିଶନ ଏବଂ ପ୍ରଧାନମନ୍ତ୍ରୀ ଜନ-ଧନ ଯୋଜନା । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଦ୍ୱାରା କରାଯାଇଥିବା ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସର୍ବେକ୍ଷଣର ତଥ୍ୟ ଉପରେ ଆଧାରିତ ଏକ ଅଧ୍ୟନରୁ ଜଣାପଡ଼ିଛି ଯେ ଭାରତରେ ୧୯.୩ ପ୍ରତିଶତ ଏମିତି ଶିଶୁ ଅଛନ୍ତି ଯେଉଁମାନଙ୍କୁ ଠିକ୍ ଭାବରେ ଆହାର ଦିଆଯାଇପାରୁନାହିଁ । ଭାରତ ପରେ ଆଫ୍ରିକୀୟ ଦେଶ ଗୁଆନାରେ ଏଭଳି ଶିଶୁଙ୍କ ସଂଖ୍ୟା ୨୧.୮ ପ୍ରତିଶତ ଏବଂ ମାଳିରେ ୨୦.୫ ପ୍ରତିାତ । ବଙ୍ଗଳାଦେଶରେ ଏହି ହାର ୫.୬ ପ୍ରତିାତ, ପାକିସ୍ଥାନରେ ୯.୨ ପ୍ରତିଶତ,କଙ୍ଗୋରେ ୭.୪ ପ୍ରତିଶତ, ନାଇଜେରିଆରେ ୮.୮ ପ୍ରତିଶତ ଏବଂ ଇଥୋପିଆରେ ୧୪.୮ ପ୍ରତିଶତ ଜିରୋଫୁଡ ଚିଲଡ୍ରେନ ଥିବା କଥା ଜଣାପଡ଼ିଛି । କିନ୍ତୁ ଭାରତର ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତ ହେଉଛି ଶିଶୁଙ୍କୁ ଖାଦ୍ୟ ନମିଳିବାର କାରଣ ହେଉଛି ପିଲାଙ୍କୁ ମା'ଖୀର ଦେବା ବା ଖାଦ୍ୟ ଦେବାରେ ଅସମର୍ଥତା । ବାଃ ରେ ଦେଶ ବାଃ ରେ ସର୍ବେକ୍ଷଣ ।

*ରାମଚନ୍ଦ୍ର ପୁର, ରଣପୁର*




## ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦେଶ୍ୟରେ ବୁଧବାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେହି ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ ରାଜ୍ୟର ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କୁ ସପ୍ତମ ବେତନ ପ୍ରଦାନ ନାମରେ ଯେଉଁ ନୂତନ ଅନୁଦାନ ନୀତି -୨୦୨୧ ପ୍ରଣୟନ କରାଗଲା ଏବଂ ତାକୁ ଲାଗୁ କରାଯିବା ପାଇଁ ଗତ ୧୩.୦୫.୨୨ରିଖରେ ଯେଉଁ ମୋଡାଲିଟି ବା ପଦ୍ଧତି ନିର୍ଦ୍ଧାରଣ କରାଗଲା ତାହା ଓଡିଶାର ୫୦ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ହତାଶ ଓ ନିରାଶ କରିଛି। ସପ୍ତମ ବେତନ କମିଶନଙ୍କ ସୁପାରିଶ ଅନୁଯାଇ ନୂତନ ବେତନ ନିର୍ଦ୍ଧାରଣ ନିମନ୍ତେ ଥିବା ସ୍ୱଷ୍ଟ ନୀତି (ବେସିକ୍ ପେ ରେ ଗ୍ରେଡ ପେ କୁ ମିଶାଇ ତାର ୨.୫୭ଗୁଣ)କୁ ଏଥିରେ ବାଦ ଦେଇ ସଂପୂର୍ଣ୍ଣ ଭିନ୍ନ ଏବଂ ଅବାସ୍ତବ (ବେସିକ ପେ ସହିତ ୧୪୨ପ୍ରତିଶତ ଡିଏ ମିଶାଇ) ଅବଲମ୍ବନରେ ଦରମା ନିର୍ଦ୍ଧାରଣ ପଦ୍ଧତିକୁ ଗ୍ରହଣ କରାଯାଇଛି। ଏହା ରାଜ୍ୟର ହଜାର ହଜାର ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଆର୍ଥିକ ଭାବରେ କ୍ଷତିଗ୍ରସ୍ତ କରିବା ସହିତ ସେମାନଙ୍କ ସ୍ୱାଭିମାନ ଓ ପଦମର୍ଯ୍ୟାଦାକୁ ବ୍ୟାହତ କରିବ ବୋଲି ସଙ୍ଘ କହିଛି। ୨୦୧୭ ଅନୁଦାନ ଆଇନ୍‌ରେ ପର୍ଯ୍ୟବେଶିତ ବାର୍ଷିକ ଦରମା ବୃଦ୍ଧି ଯାହାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସର୍ବୋଚ୍ଚ ଅଦାଲତରେ ଆଫିଡେଭିଟ କରି ଦାଖଲ କରିଛନ୍ତି ତାହାର ମଧ୍ୟ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇଥିବା ସଙ୍ଘ କହିଛି। ୨୦୧୭ ଅନୁଦାନ ଆଇନକୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଉଦେଶ୍ୟରେ ଉତ୍ସର୍ଗ କଲାବେଳେ ବ୍ଲକଗ୍ରାଣ୍ଟ ବ୍ୟବସ୍ଥା ପରିବର୍ତ୍ତନ କରାଯାଇ ଅନୁଦାନ ଆଇନ ପୁନଃ ପ୍ରଚଳନ କରାଗଲା ବୋଲି ଘୋଷଣା କରିଥିଲେ। ୧.୧.୨୨ରିଖରୁ ସିଧାସଳଖ ଭାବେ ସପ୍ତମ ବେତନ ନଦେଇ ୧.୧.୨୦୧୮ରିଖରୁ ୧.୧.୨୦୨୨ ପର୍ଯ୍ୟନ୍ତ ନୋସନାଲ ଭାବେ ପ୍ରଦାନ କରି ଉଦେଶ୍ୟମୂଳକ ଭାବେ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ନ୍ୟାର୍ଯ୍ୟ ବେତନରୁ ବଞ୍ଚିତ କରାଯାଇଛି ବୋଲି ସଙ୍ଘ ଅଭିଯୋଗ କରିଛି। ଷଷ୍ଠ ବେତନରେ ୬୦ ପ୍ରତିଶତ, ୭୫ପ୍ରତିଶତ ପାଉଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଅନୁପାତ ଭିତ୍ତିକ ଭାବେ ସପ୍ତମ ବେତନ ପ୍ରଦାନର ବ୍ୟବସ୍ଥା, ଯେଉଁ ବିଦ୍ୟାଳୟ ଗୁଡିକ ୧.୧.୨୨ରିଖରେ ଶତ ପ୍ରତିଶତ ଅନୁଦାନ ନିମନ୍ତେ ଯୋଗ୍ୟ ବିବେଚିତ ହେଲେ ସେମାନଙ୍କୁ ସପ୍ତମ ବେତନରେ ଅନ୍ତର୍ଭୁକ୍ତ କରିବା ଏବଂ ସମସ୍ତ ବିଦ୍ୟାଳୟ ମାନଙ୍କରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ସପ୍ତମ ବେତନ ନିର୍ଦ୍ଧାରଣର ସର୍ବନିମ୍ନ ଗ୍ରେଡ ପେ ୧୭୦୦ଟଙ୍କା ପ୍ରଦାନ ପ୍ରଭୃତି ଅନେକ କଥା ସରକାର ବିଚାରକୁ ନେଇନଥିବାରୁ ଏହା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ସ୍ୱାର୍ଥ ବିରୋଧୀ ବୋଲି ସଙ୍ଘ କହିଛି। ତେଣୁ ସରକାର ଏସମସ୍ତ ବିଷୟ ଗୁଡିକ ସହୃଦୟତାର ସହ ବିଚାର କରି ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଅବିକଳ ସପ୍ତମ ବେତନ ପ୍ରଦାନ କରିବାକୁ ସଙ୍ଘ ଦାବି କରିଛି। ଗଣଶିକ୍ଷା ମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜିବ କୁମାର ସିଂଙ୍କୁ ଜିଲ୍ଲା ଓଷ୍ଟାର ସମ୍ପାଦକ ନିର୍ମଳ କୁମାର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଣବ କୁମାର ଜେନା, ଉପସଭାପତି ଅଶୋକ କୁମାର ପରିଡା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ସରୋଜିନୀ ସ୍ୱାଇଁ, ମାର୍ଶାଘାଇ ବ୍ଲକ ସମ୍ପାଦକ ଭଗବାନ ସାହୁ, ଶିକ୍ଷକ ନେତା ସୁରେଶ ଚନ୍ଦ୍ର ସ୍ୱାଇଁ, ଭାସ୍କର ନାୟକ, ପ୍ରିୟରଞ୍ଜନ ବିଶ୍ୱାଳ, ମିନତୀ ସ୍ୱାଇଁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ପ୍ରଖ୍ୟାତ ସାହିତ୍ୟିକା ବୀଣାପାଣି ମହାନ୍ତିଙ୍କ ବିୟୋଗରେ ଶୋକ

ଖୋର୍ଦ୍ଧା (ପିଏନ୍): ପ୍ରଥିତଯଶା ସାହିତ୍ୟିକା, ପ୍ରାଧ୍ୟାପିକା ପଦ୍ମଶ୍ରୀ ବୀଣାପାଣି ମହାନ୍ତିଙ୍କ ବିୟୋଗରେ ଏକ ଶୋକସଭା ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ବିଜେବି ନଗର ଗାୟତ୍ରୀ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତାଙ୍କର ସାହିତ୍ୟକୃତୀ ସଂପର୍କରେ ଗାଳ୍ପିକ ଡ. ସୁରେଶ ଛୋଟରାୟ, କବି ଜ୍ଞାନରଂଜନ ଦାଶ, ଗୋବିନ୍ଦ ଚନ୍ଦ୍ର ମହାରଣା, ଇତିଶ୍ରୀ ସାହୁ, ଜ୍ୟୋତିପ୍ରଭା ପଟ୍ଟନାୟକ, ଡ. ଚପଳା ପଣ୍ଡା, ରାଜକିଶୋର ବଳିଆରସିଂହ, ସମରେନ୍ଦ୍ର ବଳିଆରସିଂହ, ନାରାୟଣ ଦାସ, ବିଳାସିନୀ ଦାଶ ପ୍ରମୁଖ ସ୍ମୃତିଚାରଣ କରିଥିଲେ। କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ, ପାଟଦେଇ, ବସ୍ତ୍ରହରଣ, ଆରୋହଣ ଭଳି ଗଳ୍ପ ସଂକଳନ; ସୀତାର ଶୋଷିତ, ମନସ୍ୱିନୀ, କୁନ୍ତୀ କୁନ୍ତଳା ଶକୁନ୍ତଳା ଭଳି ଉପନ୍ୟାସ; କବିତା ସଂକଳନ ଆସିବାର ବେଳା; କ୍ରାନ୍ତି, ପ୍ରେମଚାନ୍ଦ, ଗୋଲଡେନ୍ କି' ଭଳି ଉପନ୍ୟାସ ରଚନା କରି ସ୍ୱର୍ଗତା ମହାନ୍ତି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ବୋଲି ବକ୍ତାମାନେ ମତ ଦେଇଥଲେ। ୨୦୧୦ ମସିହା ଏପ୍ରିଲ ୧୪ ତାରିଖ ଖୋର୍ଦ୍ଧା ବିଷୁବ ମିଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ବୀଣାପାଣି ମହାନ୍ତି ଯୋଗଦେଇ ଖୋର୍ଦ୍ଧା ଅଂଚଳର ଭାଷା, ସାହିତ୍ୟ ଓ ପରମ୍ପରାର ଭୂୟସୀ ପ୍ରଶଂସା କରିଥିଲେ। ମଣିଷର ମର୍ମ ବେଦନାକୁ ସେ ତିଳେ ତିଳେ ଅନୁଭବ କରି ତଦନୁଯାୟୀ ଲେଖନୀ ଚାଳନା କରିଥିଲେ। ଓଡ଼ିଆ ସାହିତ୍ୟ ଆକାଶରେ ସେ ସଦାସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି ବକ୍ତାମାନେ ମତ ଦେଇଥିଲେ।

## ଉତ୍କଳ ଗୌରବ ମଧୁବାବୁଙ୍କ ଜୟନ୍ତୀ ପାଳିତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱରର ଉତ୍କଳ ଗୌରବ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ଉତ୍କଳ ଗୌରବ ମଧୁସୂଦନ ଜୟନ୍ତୀ ସମାରୋହ ଏବଂ ପରିଷଦର ବାର୍ଷିକ ଉତ୍ସବ ୨୦୨୨ ବାଲେଶ୍ୱର କଚେରୀ ସ୍ଥିତ ସଦଭାବନା ସଭାଗୃହରେ ପାଳନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉଚ୍ଚତମ ନ୍ୟାୟାଳୟର ବରିଷ୍ଠ ଆଇନଜିବୀ ଶ୍ରୀଯୁକ୍ତ ଧରଣୀ ଧର ନାୟକ ଉଦ୍ଘାଟନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ବାଲେଶ୍ୱରର ପୂର୍ବତନ ସାଂସଦ ଶ୍ରୀଯୁକ୍ତ ଐର ଖାରବେଳ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ସ୍ୱରୁପ କୁମାର ଦାସ ମଧୁବାବୁଙ୍କ ବିଷୟରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ସଂପାଦକ ବରିଷ୍ଠ ଆଇନଜିବୀ ପୁରୁଷୋତମ ବିଶ୍ୱାଳ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ପ୍ରଦୀପ୍ତ ମିଶ୍ର, ଅମୃତାଂଶୁ ପଟ୍ଟନାୟକ ବେଦ ପାଠ ଓ ସଙ୍ଗୀତ ଗାନ କରିଥିଲେ। ମଞ୍ଚ ଆବାହନ କରିଥିଲେ ତୁଷାରକାନ୍ତି ମହାପାତ୍ର ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ପ୍ରଜ୍ଞାପରମିତା ବିଶ୍ୱାଳ। ଏଥିରେ ଡାକ୍ତର ଶ୍ରୀକାନ୍ତ ମହାନ୍ତି, ବିଶ୍ୱମୋହନ ଦାସ ଓ ଅରୁଣ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରଯାଇ ମାନପତ୍ର ପ୍ରଦାନ କରଯାଇଥିଲା। ମାନପତ୍ର ପାଠ କରିଥିଲେ ଅଖିଳ କୁମାର ଦାସ, ଭାବଗ୍ରାହୀ ମହାନ୍ତି, ଦେବେନ୍ଦ୍ରନାଥ ଦଳ, ସମରେନ୍ଦ୍ର ଦାସ ଓ ଧନ୍ୟବାଦ ଅର୍ପଣ କରିଥିଲେ ସୂର୍ଯ୍ୟକାନ୍ତ କର। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପ୍ରଣିତା ମିଶ୍ର, ପ୍ରମୋଦ ପଣ୍ଡା, ବିନୋଦ ନାୟକ ସୁଭେନ୍ଦୁ ଦାସ, ରୋଜି ପଟ୍ଟନାୟକ, ସତ୍ୟପ୍ରିୟ ମହାନ୍ତି, ଅରୁଣା ରାୟ, ଶ୍ୟାମସୁନ୍ଦର ଜେନା ଓ କ୍ଷୀତେଶ୍ୱର ଦାସ ପ୍ରମୁଖ ସଦସ୍ୟ ସଦସ୍ୟା ମାନେ।

## ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ଶିବିର

ଚଣ୍ଡିଖୋଲ (ପି.ଏନ.)- ବଡ଼ଚଣା ବ୍ଲକ ଶାଳପଡା ପଂଚାୟତରେ ଏକ ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ଶିବିର ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି.ପଶ୍ଚିମ ବଡ଼ଚଣା ଅଞ୍ଚଳର ଶାଳପଡା ପଂଚାୟତ ଏକ ଆଦିବାସୀ ଅନୁନ୍ୟତ ଅଞ୍ଚଳ ହେଇଥିବାରୁ ବିଶେଷକରି ମହିଳାମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରେ ବହୁ ଦୂରରେ ଥିବା ବଡ଼ଚଣା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥାନ୍ତି। ଏହାକୁ ଆଖିଆଗରେ ରଖି ଡାକ୍ତର କୃଷ୍ଣଚନ୍ଦ୍ର ରାୟଙ୍କ ତତ୍ୱାବଧାନରେ କଟକ ବଡ ମେଡିକାଲର ଶଲ୍ୟବିଶେଷଜ୍ଞ ଡାକ୍ତର କୈଳାଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ୮୪ ଜଣ ମହିଳାଙ୍କ ରକ୍ତ ଶର୍କରା ପରୀକ୍ଷା କରିବାସହ ମାଗଣାରେ ଔଷଧ ବଣ୍ଟନ କରିଥିଲେ.ବହୁମୁତ୍ର ରୋଗହେଲେ ରୋଗକୁ କିପରି ନିୟନ୍ତ୍ରଣରେ ରଖାଯାଇପାରିବ ସେ ବିଷୟରେ ଶିବିରରେ ପରାମର୍ଶ ଦିଆଯାଇଥିଲା.ଅତି ଗୁରୁତର ରୋଗୀମାନେ କଟକ ବଡମେଡିକାଲ ଯାଇ ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିଭିନ୍ନ ମାଗଣା ସୁବିଧାର ଲାଭ ଉଠାଇବାକୁ ଡାକ୍ତର ମହାପାତ୍ର ପରାମର୍ଶ ଦେଇଥିଲେ.ଏଥିରେ ପଂଚାୟତର ସରପଂଚ ନମିତା ରାଉତ, ଗ୍ରାମର ମୁରବୀ ସୁଲଭ ଚରଣ ନାୟକ, ଗୋକୁଳାନନ୍ଦ ଶତପଥି, ବସନ୍ତ କୁମାର ରାଉତ,ଲେଥେକା ସରପଂଚ ଓମପ୍ରକାଶ ଦାସ, ଗଣେଶ୍ୱର ପାତ୍ର, ଗନ୍ଧର୍ବ ପାତ୍ର ,କୈଳାଶଚନ୍ଦ୍ର ନାୟକ, ମଦନ ମୋହନ ସେଠ ପ୍ରମୁଖ ଶିବିରରେ ସହଯୋଗ କରିଥିଲେ। ପ୍ରତିମାସରେ ଥରେ ଡାକ୍ତର ମହାପାତ୍ର ଶାଳପଡ଼ାକୁ ଆସି ରୋଗୀମାନଙ୍କୁ ଦେଖିବା ପାଇଁ ଶିବିରରେ ଘୋଷଣା କରିଥିଲେ।

## ବନ୍ୟପ୍ରାଣୀ ସୁରକ୍ଷାର ଅଭିନବ ଉପାୟ

ଭୁବନେଶ୍ୱର (ପିଏନ୍): ବନ୍ୟପ୍ରାଣୀଙ୍କୁ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷାକରିବା ସକାଶେ ଏବେ ବୈଜ୍ଞାନିକମାନେ ଏକ ଅଭିନବ ଉପାୟ ଚିନ୍ତା କରିଛନ୍ତି। ଏହାଦ୍ୱାରା ଆଉ ଶିକାରୀମାନେ ବିରଳ ବନ୍ୟପ୍ରାଣୀଙ୍କୁ ହତ୍ୟା କରିବେ ନାହିଁ କି ସେମାନଙ୍କ ବଂଶ ଲୋପ ପାଇବ ନାହିଁ ବୋଲି ଆଶା କରାଯାଉଛି। ଏଥିନେଇ ଦକ୍ଷିଣ ଆଫ୍ରିକାର ଏକ କମ୍ପାନୀ ଯେଉଁ ଉପାୟଟି ଚିନ୍ତା କରିଛି ତାହା ହେଲା ବୈଜ୍ଞାନିକ ପଦ୍ଧତିରେ ହାତୀ, ଗଣ୍ଡା ଏବଂ ଅନ୍ୟାନ୍ୟ ପଶୁପକ୍ଷୀମାନଙ୍କ ଶରୀରର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସୃଷ୍ଟି। ବିଜ୍ଞାନାଗାରରେ ଏହି ସବୁ ଅଙ୍ଗପ୍ରତ୍ୟଙ୍ଗ ଏପରି ଭାବେ ପ୍ରସ୍ତୁତ କରାଯିବ ଯେ ତାହା ଲୋକମାନଙ୍କ ଚାହିଦା ପୂରଣ କରିପାରିବ ଓ ଜଙ୍ଗଲରେ ପଶୁପକ୍ଷୀମାନେ ନିର୍ଭୟରେ ବସବାସ କରିପାରିବେ। ଯେଉଁ କମ୍ପାନୀ ଏଭଳି ଅଭିନବ କାର୍ଯ୍ୟରେ ହାତ ଦେଇଛି ତା'ର ନାମ ପେମ୍ବିଏଣ୍ଟ। ପରୀକ୍ଷାମୂଳକ ଭାବେ ପେମ୍ବିଏଣ୍ଟକମ୍ପାନୀ ଏବେ ଗଣ୍ଡାର ଶିଙ୍ଗ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିଛି। ଏ ଦିଗରେ ଏହାକୁ ସଫଳତା ବି ମିଳିସାରିଛି। ତେବେ ଏଥିରେ କିଛି ପରିବର୍ତ୍ତନ ଘଟାଇବା ଓ ଏହା ଯେପରି ଆନ୍ତର୍ଜାତୀୟ ବଜାରରେ ପର୍ଯ୍ୟାପ୍ତ ମାତ୍ରାରେ ଉଲବ୍ଧ ହୋଇପାରିବ ସେଥିପାଇଁ ଅଧିକରୁ ଅଧିକ ଶିଙ୍ଗ ଉତ୍ପାଦନ ପାଇଁ କମ୍ପାନୀ ଉଦ୍ୟମ ଚଳାଇଛି ବୋଲି କହିଛନ୍ତି ପେମ୍ବିଏଣ୍ଟର ସିଇଓ ମାଥ୍ୟୁ ମୁର୍କୁସ୍। ହାତୀଦାନ୍ତଠାରୁ ଆରମ୍ଭ କରି ଗଣ୍ଡାଙ୍କ ଶିଙ୍ଗ ପର୍ଯ୍ୟନ୍ତ ବନ୍ୟପ୍ରାଣୀଙ୍କ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଚାହିଦା ବିଶ୍ୱ ବଜାରରେ ଢ଼େର ବେଶୀ। ଏହାର କାରଣ ଯାହା ହୋଇଥାଉ ନା କାହିଁକି ବିଭିନ୍ନ ବନ୍ୟପ୍ରାଣୀଙ୍କ ଚମଡ଼ା, ଦାନ୍ତ, ଶିଙ୍ଗ, ଲୋମ, ପିତ୍ତ ଏବଂ ଅନ୍ୟାନ୍ୟ ଅଙ୍ଗକୁ ସୌଖିନ ଓ ରାଇସ୍ ଲୋକମାନେ ଲକ୍ଷ ଲକ୍ଷ ଡଲାର ଦେଇ କିଣିଥା'ନ୍ତି। ଯେମିତିକି ଗଣ୍ଡାର ଶିଙ୍ଗର ମୂଲ୍ୟ ଆନ୍ତର୍ଜାତୀୟ ଚୋରା ବଜାରରେ ଆକାଶଛୁଆଁ। ଏହାର ପ୍ରତି କିଲୋ ପିଛା ଦାମ ପ୍ରାୟ ୬୦,୦୦୦ ଡଲାର। ସେଇଭଳି ହାତୀଦାନ୍ତର କିଲୋପିଛା ମୂଲ୍ୟ ପ୍ରାୟ ୨୧୦୦୦ ଡଲାର। ବାଘଛାଲ ଓ ଦାନ୍ତ, ମୃଗଚର୍ମ ଓ ଶିଙ୍ଗ, ଭାଲୁର ଲୋମ, ଚର୍ମ ଓ ପିତ୍ତ, କୁମ୍ଭୀର ଚମଡ଼ାର ଚୋରା ବଜାରର ଅଦୃଶ୍ୟ ଜାଲ ପୃଥିବୀସାରା ବିଛେଇ ହୋଇ ରହିଚି। ବିଶେଷକରି ଆଫ୍ରିକା ମହାଦେଶର ବିଭିନ୍ନ ରାଷ୍ଟ୍ରରୁ ଏବଂ ଏସୀୟ ଦେଶମାନଙ୍କରୁ ଏସବୁ ଦ୍ରବ୍ୟ ଚାଲାଣ କରି ଚୋରା ବେପାରୀମାନେ କୋଟି କୋଟି ଡଲାର ଉପାର୍ଜନ କରିଥା'ନ୍ତି। ଏହାର କ୍ରେତା ଦୁଇ ପ୍ରକାରର। ପ୍ରଥମତଃ କିଛି କ୍ରେତା ପ୍ରାଚୁର୍ଯ୍ୟ ବଳରେ ଏସବୁ ଦ୍ରବ୍ୟ କିଣି ନିଜ ପାଖରେ ରଖିବାକୁ ପସନ୍ଦ କରିଥା'ନ୍ତି। ଏହାବ୍ୟତୀତ ଦ୍ୱିତୀୟ ଶ୍ରେଣୀର କ୍ରେତା ବନ୍ୟପଶୁପକ୍ଷୀଙ୍କ ଶରୀରର ଅଙ୍ଗକୁ ବ୍ୟବହାର କରି ପାରମ୍ପରିକ ଔଷଧ ପ୍ରସ୍ତୁତ କରିଥା'ନ୍ତି। ପୁଣି କେହି କେହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଏସବୁ ଦ୍ରବ୍ୟ କିଣି ପାଖରେ ରଖିଥା'ନ୍ତି। ତେବେ ସେ ଯାହା ହେଉନା କାହିଁକି, ଏଥିପାଇଁ ଅବାଧ ଶିକାର ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ହାତୀ, ବାଘ, ସିଂହ, ଭଲ୍ଲୁକ ବିଭିନ୍ନ ପ୍ରଜାତିର ମୃଗ, ଗଣ୍ଡା ଅନେକ ଧରଣର ପକ୍ଷୀ ବିଲୁପ୍ତ ହୋଇଗଲେଣି ଅଥବା ବିଲୁପ୍ତିର ମହାମାର୍ଗରେ ଏବେ ଅଗ୍ରସର ହେଉଛନ୍ତି। କୌଣସି ଦେଶ ଶିକାରୀମାନଙ୍କ ଅବାଧ ବନ୍ୟପ୍ରାଣୀ ଶିକାରକୁ ରୋକିପାରିନାହାନ୍ତି। ଏଭଳି ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ କିଣିବା ତାଲିକାରେ ବିଶ୍ୱରେ ସର୍ବାଗ୍ରେ ରହିଛି ଚୀନ। ଚୀନରେ ପାରମ୍ପରିକ ଔଷଧ ପ୍ରସ୍ତୁତିରେ ଅଧିକାଂଶ ପଶୁଙ୍କ ଶରୀରର ଅଙ୍ଗ ଉପଯୋଗ କରାଯାଇଥାଏ। ଏବେ ସିନ୍ଥେଟିକ୍ ଅଙ୍ଗ ପ୍ରସ୍ତୁତି ପ୍ରସଙ୍ଗକୁ ଆସିବା। ପେମ୍ବିଏଣ୍ଟ କମ୍ପାନୀର ଏଭଳି ଉଦ୍ୟମକୁ କିନ୍ତୁ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥାଠାରୁ ଆରମ୍ଭ କରି ପର୍ଯ୍ୟାବରଣବିତ ଓ ପ୍ରାଣୀପ୍ରେମୀମାନେ ବିରୋଧ କରିଛନ୍ତି। ସେମାନଙ୍କ ମତରେ ଏଭଳି ନକଲି ଅଙ୍ଗପ୍ରତ୍ୟଙ୍ଗ ବଜାରରେ ଉପଲବ୍ଧ ହେଲେ ସୁଦ୍ଧା ଅସଲି ଦ୍ରବ୍ୟର ଚାହିଦା କମିବ ନାହିଁ। ତେଣୁ ଚୋରାଶିକାର ପୂର୍ବବତ୍ ଜାରି ରହିବ। ବରଂ ତାହା ବୃଦ୍ଧିପାଇବ ବୋଲି ସେମାନେ ଆଶଙ୍କା ପ୍ରକଟ କରନ୍ତି। ତେଣୁ ସେମାନେ ପେମ୍ବିଏଣ୍ଟ କମ୍ପାନୀର ଏଭଳି ପ୍ରୟାସକୁ ଘୋର ବିରୋଧ କରିଛନ୍ତି। ସେମାନେ ଏହାର ଏକ ଉଦାହରଣ ଦେଇ କହିଛନ୍ତି ଯେ ଗତ ଦଶବର୍ଷ ଭିତରେ ବିଶ୍ୱରେ ଗଣ୍ଡା ଶିକାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ୨୦୦୭ ମସିହାରେ ଦକ୍ଷିଣ ଆଫ୍ରିକାରେ ମାତ୍ର ୧୩ଟି ଗଣ୍ଡାଙ୍କୁ ମରାଯାଇଥିବାବେଳେ ୨୦୧୫ରେ ୧୧୭୫ଟି ଗଣ୍ଡା ଚୋରା ଶିକାରୀଙ୍କ ଦ୍ୱାରା ନିହତ ହୋଇଛନ୍ତି। ତେଣୁ ଏଭଳି ବିକଳ୍ପ ଉପାୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବିଶେଷ ସହାୟକ ହେବନାହିଁ ବୋଲି ସେମାନେ ଦୃଢ଼ ଯୁକ୍ତି ବାଢ଼ନ୍ତି। କିନ୍ତୁ ବଜାରରେ ଯେ ଖୁବ୍‌ଶୀଘ୍ର ସିନ୍ଥେଟିକ ହାତୀଦାନ୍ତ ଓ ଗଣ୍ଡା ଶିଙ୍ଗ ମିଳିବ ତାହା ସମସ୍ତଙ୍କ ପାଇଁ ଏବେ ଖୁସି ଖବର ପାଲଟିଛି।

## ଓଡ଼ିଶା ସୀମା ଦେଇ ଯାଇଥିବା ରେଳଷ୍ଟେସନଗୁଡ଼ିକର ନାମକରଣ ଓଡ଼ିଆରେ ହେବାପାଇଁ ଦାବି

ବାଲେଶ୍ୱର (ପିଏନ୍)-ଓଡ଼ିଶାର ସୀମା ତଥା ଛତିସ୍‌ଗଡ଼, ବିହାର, ପଶ୍ଚିମବଙ୍ଗଠାରୁ ଆରମ୍ଭ କରି ପଡ଼ୋଶୀ ଆନ୍ଧ୍ର ପ୍ରଦେଶ, ତାମିଲନାଡୁ ପର୍ଯ୍ୟନ୍ତ ଲମ୍ବିଥିବା ରେଳପଥରେ ଥିବା ଓଡ଼ିଆ ଭାଷା ଅଞ୍ଚଳର ଷ୍ଟେସନଗୁଡ଼ିକର ନାମକରଣ ଓଡ଼ିଆରେ ହେଉ ବୋଲି ଦାବି ହୋଇଆସୁଛି। ଏ ଦିଗରେ ବର୍ତ୍ତମାନର ରେଳମନ୍ତ୍ରୀ ତଥା ଓଡ଼ିଶା ବିଧାନସଭାରୁ ରାଜ୍ୟସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଥିବା ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି ବୋଲି ଉତ୍କଳ ସମ୍ମିଳନୀର ଅଧ୍ୟକ୍ଷ ଡ଼. ଅଦୈତ କୁମାର ପାତ୍ର ପ୍ରକାଶ କରିଛନ୍ତି। ଡ଼. ପାତ୍ର ବାଲେଶ୍ୱର ଠାରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ ଅବସରରେ ଏ କଥା ପ୍ରକାଶ କରିଛନ୍ତି। ବାଲେଶ୍ୱରର ସାମ୍ବାଦିକ ଓ ବୁଦ୍ଧିଜୀବୀ ଉକ୍ତ ବୈଠକରେ ଉପସ୍ଥିତ ରହି ଏହାକୁ ସମର୍ଥନ ଜଣାଇବା ସହିତ ମଧୁସୂଦନଙ୍କ ୧୭୫ତମ ଜୟନ୍ତୀ ଦିନ ଏକ ସ୍ମାରକ ପତ୍ର ପ୍ରଦାନ ପାଇଁ ମଧ୍ୟ ପ୍ରସ୍ତାବ ନିଆଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲା ସଭାପତି ବୈଦ୍ୟନାଥ ଷଡଙ୍ଗୀ, ସଂପାଦକ କାଳୀପଦ ପଣ୍ଡା, ସଂଗଠନ ସଂପାଦକ ଉତ୍ପଳ ମହାନ୍ତି, ଯୁଗ୍ମ ସଂପାଦିକା ଗୋପାମୁଦ୍ରା ମହାପାତ୍ର, ସଦସ୍ୟା ଅପର୍ଣ୍ଣା ମହାପାତ୍ର, ବରିଷ୍ଠ ସଦସ୍ୟ ଦିନବନ୍ଧୁ ଲେଙ୍କା, ସତ୍ୟପ୍ରିୟ ମହାନ୍ତି, ବ୍ରହ୍ମାନନ୍ଦ ସ୍ୱାଇଁ, ସୁଧାକର ସେଠୀ ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ ଓ ବିବିଧ କାର୍ଯ୍ୟକ୍ରମ କରାଯିବା ପାଇଁ ମଧ୍ୟ ପ୍ରସ୍ତାବ ନିଆଯିବା ସହ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଓଡ଼ିଆ ଭାଷା ସୁରକ୍ଷାର ଅନ୍ୟତମ ସେନାପତି ଫକୀରମୋହନଙ୍କର ପୂର୍ଣ୍ଣ ଅବୟବ ପ୍ରତି ଭକ୍ତି ସ୍ଥାପନା ପାଇଁ ଦାବି ହେଉଛି। ଗଡ଼ଗଡ଼ିଆ ଘାଟରେ ରାଧାନାଥଙ୍କ ପ୍ରତିମୂର୍ତ୍ତି ପାଖରେ ମଧୁସୂଦନ ଓ ଫକୀରମୋହନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମଧ୍ୟ ଦାବି ହୋଇଛି।

## ଦଳୀୟ ସମର୍ଥକଙ୍କୁ ବିଧାୟକଙ୍କ ମାଡ଼ ଓ ଗାଳି ଅଭିଯୋଗ

ବାଲେଶ୍ୱର (ପିଏନ୍)-ବିଜେଡ଼ିର ଗୋଷ୍ଠୀ କନ୍ଦଳ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲା। ବାଲେଶ୍ୱର ସଦର ପୂର୍ବତନ ସରପଞ୍ଚ ରବିନାରାୟଣ ପାଣିଗ୍ରାହୀଙ୍କୁ ସଦର ବିଧାୟକ ଓ ତାଙ୍କ କର୍ମୀମାନେ ଗାଳିଗୁଲଜ କରିବା ସହିତ ଧମକାଇଥିବା ପ୍ରତିବାଦରେ ସମ୍ପୃକ୍ତ ପଞ୍ଚାୟତର ଶତାଧିକ ବିଜେଡ଼ି ସମର୍ଥକଙ୍କ ପକ୍ଷରୁ ବିଜେଡ଼ି ଜିଲ୍ଲା ସଭାପତି ରବିନ୍ଦ୍ର କୁମାର ଜେନାଙ୍କ ଜରିଆରେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗତ ମାସ ୨୨ ତାରିଖରେ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସମିତି ବୈଠକ ସରିବା ପରେ ପୂର୍ବତନ ସରପଞ୍ଚ ରବିନାରାୟଣ ପାଣିଗ୍ରାହୀ ବିଧାୟକଙ୍କୁ ଜୁଣଗଡ଼ିଆ ପାନୀୟ ଜଳ ପ୍ରକଳ୍ପକୁ ଉଦ୍ଘାଟନ କରିବା ପାଇଁ ନିମନ୍ତ୍ରଣ କରିଥିଲେ। ମାତ୍ର ଦଳବିରୋଧି ଲୋକଙ୍କ କାର୍ଯ୍ୟକ୍ରମକୁ ଯିବେ ନାହିଁ କିମ୍ବା ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ଦେବିନାହିଁ ବୋଲି ସେ କହିଥିଲେ। ବିଧାୟକଙ୍କ ଏଭଳି ଅସନ୍ତୋଷଜନକ ଉତ୍ତରରେ ପାଣିଗ୍ରାହୀ କହିଥିଲେ ଆପଣଙ୍କୁ ଆମ୍ଭେମାନେ ଉପନିର୍ବାଚନରେ ଭୋଟ ଦେଇ ଜିତାଇଥିଲୁ ଆପଣ ଏମିତି କାହିକି କହୁଛନ୍ତି। ତୁମେ ଦଳବିରୋଧି ଲୋକ, ତୁମ ସହିତ ମୋର କୌଣସି ସମ୍ପର୍କ ନାହିଁ ବୋଲି ବିଧାୟକ ଦାସ ନିଜ ପ୍ରତିକ୍ରିୟାରେ କହି ବ୍ଲକ ପରିସରରୁ ବାହାରିଯାଇଥିଲେ। ତେବେ ବିଧାୟକଙ୍କ ଯିବାପରେ ତାଙ୍କର ୨ ଜଣ ସହଯୋଗୀ ସତ୍ୟନାରାୟଣ ଦାସ ଓ ଚିଣ୍ଟୁ ବ୍ଲକ ନିକଟକୁ ଯାଇ ପାଣିଗ୍ରାହୀଙ୍କୁ ଗାଳିଗୁଲଜ କରିଥିଲେ। ଜୋର ଜବର୍ଦସ୍ତ ବାଇକରେ ବସାଇ ବିଧାୟକଙ୍କ ଘରକୁ ନେଇ ସେଠାରେ ବିଧାୟକଙ୍କ ଉପସ୍ଥିତିରେ ତାଙ୍କ ସହଯୋଗୀମାନେ ପାଣିଗ୍ରାହୀଙ୍କୁ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଓଡ଼ଙ୍ଗୀ ପଞ୍ଚାୟତ ବିଜେଡ଼ି ସମର୍ଥକଙ୍କ ଅଭିଯୋଗକୁ ସଦର ବିଧାୟକ ଖଣ୍ଡନ କରିଛନ୍ତି ଏବଂ ଏହା ମିଥ୍ୟା ବୋଲି କହିଛନ୍ତି।

## ଆନନ୍ଦପୁର ଅବକାରୀ ବିଭାଗର ଚଢାଉ, ୨ ଗିରଫ

ଆନନ୍ଦପୁର (ପିଏନ୍): କେନ୍ଦୁଝର ଜିଲ୍ଲା ଅବକାରୀ ଅଧିକ୍ଷକ ସୀତାରାମ ମୁଦୁଲିଙ୍କ ନିର୍ଦ୍ଦେଶକ୍ରମେ ଆନନ୍ଦପୁରର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଚଢାଉରେ ୫୬ଲିଟର ମହୁଲି ମଦ ସହିତ ୬୦୦ କେ.ଜି. ମହୁଲି ପୋଚ ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି । ଅବକାରୀ ନୀରିକ୍ଷକ ପ୍ରଫୁଲ କୁମାର ମହାନ୍ତ, ଉପନୀରିକ୍ଷକ ନରେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଆନନ୍ଦପୁର ଥାନା ଅନ୍ତର୍ଗତ ରାଇପାଳ, କଣ୍ଟିପାଳ, ଶାଳବଣି ପ୍ରଭୃତି ଗ୍ରାମର ବିଭିନ୍ନ ସ୍ଥାନରେ ଚୋରାମଦ ବିକ୍ରୀ ଆଡ୍ଡା ଉପରେ ଚଢାଉ କରିଥିଲେ । ଚଢାଉ ବେଳେ ମଦ ପ୍ରସ୍ତୁତି ପାଇଁ ରଖିଥିବା ଅନେକ ସରାମ ଓ ଚୋରା ମହୁଲି ମଦ ଜବତ ସହ ଏହି କାରବାରରେ ସମ୍ପୃକ୍ତ ଥିବା ରାଇପାଳ ଗ୍ରାମର ଭୀମ ହୋ ଓ ରାମ ହୋଙ୍କୁ ଗିରଫ କରି ମାମଲା ରୁଜୁ କରାଯାଇଥିଲା । ଏହି ଚଢାଉରେ ଅବକାରୀ କର୍ମଚାରୀ ସଂଜୀବ ସେଠୀ, ସୁଶାନ୍ତ ରାଉତ, ଲକ୍ଷ୍ମଣ ମହାନ୍ତ, ନିବେଦିତା ମାଝୀ ପ୍ରମୁଖ ସାମିଲ ଥିଲେ ।

## ପ୍ରକାଶ ପାଇଲା କୋଣାର୍କର ମନୋଜ ଦାସ ବିଶେଷାଙ୍କ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ମାଟିରେ ଜନ୍ମିତ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପ୍ରଖ୍ୟାତ କଥାକାର ପଦ୍ମଭୂଷଣ ମନୋଜ ଦାସଙ୍କ ଜୀବନ ଓ କୃତି ଆଧାରିତ କୋଣାର୍କର ବିଶେଷ ସଂଖ୍ୟା ମନୋଜ ଦାସ ବିଶେଷାଙ୍କ ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ପ୍ରକାଶ ପାଇଛି। କରୋନା ମହାମାରୀ ମଧ୍ୟରେ ସାଧକ ମନୋଜ ଦାସଙ୍କ ପରଲୋକ ଗମନ ଘଟିଥିବାରୁ ତାଙ୍କର ଶେଷକୃତ୍ୟ ପଣ୍ଡିଚେରୀ ସ୍ଥିତ ଶ୍ରୀମା ଶ୍ରୀଅରବିନ୍ଦ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଥିଲା ବେଳେ ରାଜ୍ୟ ସରକାର ଏଇ ମହାନ ଓଡ଼ିଆ ଲେଖକଙ୍କ ପୁଣ୍ୟସ୍ମୃତିରେ ତାଙ୍କର ଜନ୍ମପୀଠ ଭୋଗରାଇ ଶଙ୍ଖାରୀ ଗ୍ରାମ ସ୍ଥିତ ବାସଭବନକୁ ସ୍ମାରକୀସ୍ଥଳ ଘୋଷଣା କରିଥିବା ବେଳେ ସାହିତ୍ୟ ଏକାଡ଼େମୀ ତାର ମୁଖପତ୍ର କୋଣାର୍କର ୨୦୩ତମ ସଂଖ୍ୟାକୁ ମନୋଜ ଦାସ ବିଶେଷାଙ୍କ ରୂପେ ପ୍ରକାଶ କରିଛନ୍ତି। ଏଥିରେ ଓଡ଼ିଶାର ୩୬ ଜଣ ଗବେଷକ ଓ ବିଶିଷ୍ଟ ଲେଖକ ମନୋଜ ଦାସଙ୍କ କାଳଜୟୀ ସୃଷ୍ଟିର ସମୀକ୍ଷା ସହ ତାଙ୍କ ସହ ବିତାଇଥିବା ଘଟଣାକୁ ନିଜ ନିଜର ଆଲେଖ୍ୟରେ ପ୍ରକାଶ କରାଇଛନ୍ତି। ମନୋଜ ଦାସଙ୍କ ସମ୍ପର୍କରେ ଅଧିକ ଜାଣିବା ନିମନ୍ତେ ଜିଜ୍ଞାସୁ ପାଠକ, ଛାତ୍ରଛାତ୍ରୀ ଓ ଗବେଷକଙ୍କ ପକ୍ଷରେ ଏହା ବିଶେଷ ସହାୟକ ହେବ ବୋଲି ଜଣାପଡ଼ିଛି। ଆଗ୍ରହୀ ମନୋଜପ୍ରେମୀ ପାଠକଙ୍କ ପାଇଁ ଏହାକୁ ସଂଗ୍ରହ କରିବା ନିମନ୍ତେ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟ ସହ ବାଲେଶ୍ୱର ଜିଲ୍ଲାର ଆଗ୍ରହୀ ପାଠକ ମାନେ ସାହିତ୍ୟ ଏକାଡ଼େମୀର ସଦସ୍ୟ କାଳୀପଦ ପଣ୍ଡାଙ୍କ ବାଲେଶ୍ୱର ସହରସ୍ଥ ନେଳିଆବାଗ ବାସଭବନ ଠିକଣାରେ ଯୋଗାଯୋଗ କରିବାକୁ ଶ୍ରୀ ପଣ୍ଡା ଅନୁରୋଧ ଜଣାଇଛନ୍ତି।

## ବାଙ୍କୀ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଶିବିର ଅନୁଷ୍ଠିତ



ବାଙ୍କୀ (ପିଏନ୍)- ବାଙ୍କୀ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ବୈଦ୍ୟେଶ୍ୱର ଉପସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବୈଦ୍ୟେଶ୍ୱର ପ୍ରାଥମିକ ବିଦ୍ୟାଳୟ ଠାରେ ସ୍ୱାଧୀନତାର ୭୫ବର୍ଷ ଉପଲକ୍ଷେ ଆଜାଦିକି ଅମୃତ ମହୋତ୍ସବ ଅବସରରେ ଏକ ବ୍ଲକ ସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସ୍ୱାସ୍ଥ୍ୟମେଳାକୁ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡାକ୍ତର ଅମରେଶ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ସଂଜୟ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ରଶ୍ମିତା ସାହୁ, ସ୍ଥାନୀୟ ସରପଞ୍ଚ ସୁରଞ୍ଜନ ପଣ୍ଡା, ସମିତି ସଭ୍ୟ ମହେଶ୍ୱର ମହାପାତ୍ର, ଶିକ୍ଷାବିତ୍ କାଳନ୍ଦୀ ସାହୁ, ରୋଗୀକଲ୍ୟାଣ ସମିତି ସଦସ୍ୟ ଅନନ୍ତ ଦାସ, ପ୍ରମୁଖ ଯୋଗଦେଇଥିବା ବେଳେ ଉକ୍ତ ସ୍ୱାସ୍ଥ୍ୟମେଳାରେ ବିଭିନ୍ନ ବିଭାଗ ଯଥା ହୃଦରୋଗ, ଭେଷଜ ତଥା ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ୭୪୮ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଏଥିନେଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏହି ସ୍ୱାସ୍ଥ୍ୟମେଳାକୁ ସ୍ୱାସ୍ଥ୍ୟକେନ୍ଦ୍ରର ବି.ପି.ଏମ୍. ସଂଗୀତା ଦାଶ, ସଂପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ସାହୁ, ସୁପରଭାଇଜର ମାନଭଞ୍ଜନ ଦଳେଇ, ଫାର୍ମାଶିଷ୍ଟ୍ ସନ୍ତୋଷ ସାହୁ, ଡାଟା ମ୍ୟାନେଜର ଆଶିଷ ବିଭୂତି ରାୟ ଏହାକୁ ପରିଚାଳନା କରିଥିଲେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଧର୍ମଶାଳା କଂଗ୍ରେସର ମିଶ୍ରଣ ପର୍ବ

ଧର୍ମଶାଳା, (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀ କଂଗ୍ରେସର ଏକ ମିଶ୍ରଣ ପର୍ବ ପାଟପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ପାଟପୁର ପଂଚାୟତର ନାଏବ୍ ସରପଂଚ ସୁରେନ୍ଦ୍ର ଦାସ, ଦଳିତ ନେତା ନିରଂଜନ ମଲିକ, ପୂର୍ଣ୍ଣଚନ୍ଦ୍ର ମଲିକ, ରାଜେନ୍ଦ୍ର ମଲିକ, ସୁକାନ୍ତ ମଲିକ, ଚକ୍ରଧର ମଲିକ, ଦୀପକ ମଲିକ, ପପୁନା ମଲିକ, ଜିତେନ୍ଦ୍ର କୁମାର ସାହୁ, ମନୋଜ ସେଠୀ, ବସନ୍ତ ବେହେରା, ଗୋବିନ୍ଦ ମଲିକ, ନିରଂଜନ ଦାସ, ଓ ବୀରକିଶୋର ମଲିକ ଅନ୍ୟଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲେ । ନବାଗତମାନଙ୍କୁ ଧର୍ମଶାଳା କଂଗ୍ରେସର ବିଧାୟକ ପ୍ରାର୍ଥୀ କିଶାନ ପଣ୍ଡା ସ୍ୱାଗତ କରିଥିଲେ । ପରେ ଶ୍ରୀ ପଣ୍ଡା ନିଜ ସମର୍ଥକଙ୍କ ଗହଣରେ ପାଟପୁର ପଂଚାୟତରେ ଘର ଘର ବୁଲି ନିଜ ପାଇଁ ଭୋଟ୍ ଭିକ୍ଷା କରିବା ସହିତ କଂଗ୍ରେସର ଗ୍ୟାରେ ି କାର୍ଡ଼ ବ ନ କରିଥିଲେ ।

# ପଂଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଆରମ୍ଭ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ଜେମାଶୁଣୀ ପୀଠରେ ଆଜିଠାରୁ ପଂଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଆରମ୍ଭ ହୋଇଛି । ଅପରାହ୍ଣରେ ଶତାଧିକ ମହିଳା ଶ୍ରଦ୍ଧାଳୁ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ କଳସଯାତ୍ରାରେ ବାହାରି ଜାରକା ବଜାର ପରିକ୍ରମା କରିଥିଲେ । ନିକଟସ୍ଥ ତ୍ରିନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ଯଜ୍ଞସ୍ଥଳରେ କଳସ ସ୍ଥାପନା କରିଥିଲେ । ଅପରାହ୍ଣରେ ଧର୍ମଧ୍ୱଜା ଉତୋଳନ କରାଯାଇଥିଲା । ସଂଧ୍ୟାରେ ଶାଁକୁର ପ୍ରତିନିଧି ପ୍ରମୋଦ କୁମାର ମହାନ୍ତି ପ୍ରବଚନ ଦେଇଥିଲେ । ପ୍ରଦୀପ କୁମାର ମହାନ୍ତି, ଶାନ୍ତିଲତା ଦୀକ୍ଷିତ ଓ ପବନ କୁମାର ଦୀକ୍ଷିତ ଯୋଗ ଦେଇଥିଲେ । ଗାୟତ୍ରୀ ଯଜ୍ଞର ମୁଖ୍ୟ ଦାମୋଦର ସେନାପତି, ପୁଷ୍ପଲତା ସେନାପତି, ଶାନ୍ତିଲତା ସେନାପତି, ପ୍ରମୋଦ ସାହୁ, ଚନ୍ଦ୍ରମଣି ନାୟକ, ନବଘନ ମହାନ୍ତି, ଅଭିରାମ ନାୟକ, ସୁଦାମ ମହାରଣା, ବିଦ୍ୟାଧର ତରାଇ, ଦେବବ୍ରତ ପୃଷ୍ଟି, ପ୍ରମୋଦ ସାହୁ, ଅନିରୁଦ୍ଧ ରାଉତ, ପ୍ରାଣକୃଷ୍ଣ ସାମଲ ଓ କ୍ଷେତ୍ରବାସୀ ସାହୁ ଯଜ୍ଞ କାର୍ଯ୍ୟ ସଂଚାଳନ କରିଥିଲେ ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)– ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ । ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡ଼ିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)– ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)– ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଙ୍ଗା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)– କନ୍ଧମାଲ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱୀନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ, ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)– ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ–୫୮ରେ ଥିବା ଜମ୍ନେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ–୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# ଆମେ ବି ସକ୍ଷମ ସଂଗଠନର ବୈଠକ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଅଂଚଳର ଦିବ୍ୟାଙ୍ଗମାନଙ୍କୁ ନେଇ ଗଠିତ ଆବେ ବି ସକ୍ଷମ ସଂଗଠନର ଏକ ବୈଠକ ଜାରକାସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି । ସମାଜସେବୀ କାହ୍ନୁ ଚରଣ ଦାଶଙ୍କ ସଭାପତିତ୍ୱରେ ପରିଚାଳିତ ବୈଠକରେ ଡାକ୍ତର କୈବଲ୍ୟ ମହାପାତ୍ର ଓ ସାହିତ୍ୟିକ ଅଖିଳ କୁମାର ସ୍ୱାଇଁ ଯୋଗଦେଇ ଦିବ୍ୟାଙ୍ଗମାନେ ସକ୍ଷମଙ୍କ ଠାରୁ କୌଣସି ଗୁଣରେ କମ୍ ନୁହଁ ବୋଲି କହିଥିଲେ । ସେମାନଙ୍କ ସଂଗଠନକୁ ପୀକରଣ କରାଯିବା ଉପରେ ଗୁରୁତ୍ୱାରୋପ କରିବା ସହିତ ଦିବ୍ୟାଙ୍ଗମାନଙ୍କୁ ଅଧିକ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଥିଲେ । ଦିବ୍ୟାଙ୍ଗ ସରୋଜ କୁମାର ସାହୁ, ଉପେନ୍ଦ୍ର ନାଥ ରାଓ, ପ୍ରଶାଂ କୁମାର ବେହେରା ଓ ଝୁନୁ ସାହୁ ଯୋଗଦେଇ ସେମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋକପାତ କରିଥିଲେ । ଦେବେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ ।

# ବାରବାଟି ବସ୍ ଦୁର୍ଘଟଣା : ଅଚିହ୍ନା ବସ୍‌ଯାତ୍ରୀଙ୍କ ମୃତଦେହ ଯାଜପୁର ସ୍ଥାନାନ୍ତର

ଧର୍ମଶାଳା,(ପିଏନ୍): ଧର୍ମଶାଳା ଥାନା ବାରବାଟି ବସ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହକୁ ଆଜି ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଗତ ୬ଦିନ ହେଲା ମୃତଦେହକୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଶବାଗାରର ଫ୍ରିଜରରେ ରଖାଯାଇଥିଲା । ତେବେ ଏଠାରେ ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଶବ ନଷ୍ଟ ହୋଇଯିବା ଆଶଙ୍କା କରି ଡାକ୍ତରଖାନା କର୍ତୃପକ୍ଷ ପୁଲିସ୍‌କୁ ଅବଗତ କରିଥିଲେ । ଶବ ଚିହ୍ନଟ ହୋଇନଥିବାରୁ ପୁଲିସ୍ ଉକ୍ତ ମୃତଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛି । ଗତ ୧୫ତାରିଖ ରାତି ୮.୪୫ରେ କାଳିଆନନା ବସ୍ ଭାରସାମ୍ୟ ହରାଇ ୧୬ନମ୍ବର ଜାତୀୟ ରାଜପଥର ବାରବାଟି ଓଭରବ୍ରିଜରୁ ପ୍ରାୟ ୨୦ଫୁଟ୍ ତଳକୁ ଖସି ପଡ଼ିଥିଲା । ଏଥିରେ ୫ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୪୬ଜଣ ଆହତ ହୋଇଥିଲେ । ଦୁର୍ଘଟଣାର ପରଦିନ ୪ଜଣ ମୃତକ ପଶ୍ଚିମବଙ୍ଗ ପୂର୍ବ ମେଦିନାପୁର ଅଂଚଳର ଉତମ ମାଇତି, ଅଚିନ୍ତା ମାଇତି, ବର୍ଣ୍ଣାଳୀ ଦାସ ଓ ମନୋଜ ଘୋଷ ଚିହ୍ନଟ ହୋଇଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାଂର କରାଯାଇଥିଲା । ଅଚିହ୍ନା ମୃତଦେହକୁ ଧର୍ମଶାଳା ସିଏଚ୍‌ସି ଶବାଗାରରେ ରଖାଯାଇଥିଲା । ଉଚ୍ଚ କର୍ତୃପକ୍ଷଙ୍କ ନିର୍ଦ୍ଦେଶାନୁସାରେ ଶବକୁ ଯାଜପୁର ଶବାଗାରରେ ସଂରକ୍ଷିତ ରଖାଯିବ । ଧର୍ମଶାଳା ଥାନା ପୁଲିସ୍ ପଶ୍ଚିମବଙ୍ଗ ପୁଲିସ୍‌କୁ ଅବଗତ କରିଥିଲେ ମଧ୍ୟ ୬ଦିନ ହେଲା ମୃତକଙ୍କ ସଂପର୍କରେ କୌଣସି ସୂଚନା ମିଳିନାହିଁ । ତେବେ ସେ ଭୁବନେଶ୍ୱରରେ ରହୁଥିବା ପଶ୍ଚିମବଙ୍ଗର ବ୍ୟବସାୟୀ ହୋଇପାରନ୍ତି ବୋଲି ପୁଲିସ୍ ସନ୍ଦେହ କରୁଛି । ଆତ୍ମୀୟସ୍ୱଜନ ମୃତଦେହ ନେବାକୁ ନଆସିଲେ ଅଚିହ୍ନା ବ୍ୟକ୍ତି ହିସାବରେ ପୁଲିସ୍ ପକ୍ଷରୁ ତାଙ୍କ ସଂସ୍କାର କରାଯିବ ବୋଲି ଆଇଆଇସି ତପନ କୁମାର ନାୟକ ସୂଚନା ଦେଇଛନ୍ତି

# ଭାଙ୍ଗିରୁଜି ଗଲାଣି କାନପୁର-ଭୁବନପୁର ରାସ୍ତା

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ୍‌ର କାନପୁର-ଭୁବନପୁର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣ ହେବାର ଦିନ କେଇଟାରେ ଭାଙ୍ଗିରୁଜି ଯାଇଥିବା ଅଭିଯୋଗ ହୋଇଛି । ନିମ୍ନମାନର କାମ ପାଇଁ କେଉଁଠି ରାସ୍ତା ଦବି ଯାଇଛି ତ' ଆଉ କେଉଁଠି ପିଚୁଗୋଡ଼ି ଉଠଗଲାଣି । ଉକ୍ତ ରାସ୍ତାରେ ଯାତାୟତ କରିବା ଅଂଚଳବାସୀଙ୍କ ପାଇଁ କଷ୍ଟକର ହେଉଛି । ରାସ୍ତା ମରାମତି କରିବାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଦାବି ହେଉଥିଲେ ମଧ୍ୟ ରାସ୍ତା ମରାମତି କରାଯାଉନାହିଁ । ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସେଂାଷ ପ୍ରକାଶ ପାଇଛି । ଅଭିଯୋଗରୁ ପ୍ରକାଶ ଯେ, ଜାରକା ଗ୍ରାମ୍ୟ ଉନ୍ନୟନ ଡିଭିଜନ ପକ୍ଷରୁ ୩ବର୍ଷ ପୂର୍ବେ ପ୍ରାୟ ୩କୋଟି ଟଙ୍କା ବ୍ୟୟରେ ଥାନୁଆଳ ପଂଚାୟତ କାନପୁର ଗାଁ ନିକଟରୁ ଗଡ଼ମଧୁପୁର ପଂଚାୟତର ଭୁବନପୁର ପର୍ଯ୍ୟଂ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ହୋଇଥିଲା । ରାସ୍ତା ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହୋଇଥିଲା । ସେ ସମୟରେ ସ୍ଥାନୀୟ ଅଂଚଳବାସୀ ଏହାକୁ ବିରୋଧ କରିଥିଲେ । ମାତ୍ର ଦାୟିତ୍ୱରେ ଥିବା ଠିକାଦାର ବିଭାଗୀୟ ଅଧିକାରୀଙ୍କୁ ହାତ କରି ବିଲ୍ ଉଠାଇ ନେଇଥିଲେ । ଏବେ ଏହି ରାସ୍ତାରେ ହାଇୱା, ଟ୍ରକ୍ ଓ ଟ୍ରାକ୍ଟରରେ ଓଭରଲୋଡ଼ିଂ ହୋଇ ନିକଟସ୍ଥ ବାଜବାଟି ପାହାଡ଼ରୁ କଳାପଥର ଓ କ୍ରସରରୁ ଚିପ୍ସ ପରିବହନ କରାଯାଉଛି । ଫଳରେ ରାସ୍ତା ଭାଙ୍ଗିରୁଜି ଯାତାୟତରେ ବାଧା ସୃଷ୍ଟି କରୁଛି । ଏହି ରାସ୍ତା ଉପରେ ୫ରୁ ଅଧିକ ପଂଚାୟତର ଜନସାଧାରଣ ନିର୍ଭର କରିଥାନ୍ତି । ତୁରନ୍ତ ଏହି ରାସ୍ତା ମରାମତି କରାଯିବା ସହିତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ସ୍ଥାନୀୟ ଅଂଚଳବାସୀ ଦାବି କରିଛନ୍ତି


2024-2025

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

୨୬ ବର୍ଷରେ

Bhubaneswar Tuesday April 23, 2024 ଭୁବନେଶ୍ୱର ମଙ୍ଗଳବାର, ଅପ୍ରେଲ ୨୩,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ପାରାଦୀପରେ ପ୍ରେସିଡେଣ୍ଟ କପ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ



ପାରାଦୀପ,(ପି.ଏ): ପାରାଦୀପ ଗଲ୍ଫ କ୍ଲବ ପକ୍ଷରୁ ସ୍ଥାନୀୟ ଗଲ୍ଫ ପଡିଆ ଠାରେ ପ୍ରେସିଡେଣ୍ଟ କପ ଗଲ୍ଫ ଟୁର୍ଣ୍ଣାମେଣ୍ଟ ରବିବାର ଦିନ ଆୟୋଜିତ ହୋଇଯାଇଛି କ୍ଷ ଏହି ଏକଦିବସିୟ ଟୁର୍ଣ୍ଣାମେଣ୍ଟ ର ହାଣ୍ଡିକାପ ୦-୧୮ ବର୍ଗରେ ଧର୍ମେନ୍ଦ୍ର ମିଶ୍ର ବିଜେତା ହୋଇଥିବା ବେଳେ ବେଷ୍ଟ ଗ୍ରସ ବର୍ଗରେ ଅକ୍ଷୟ ଚ଼ନ୍ଦ୍ର ସୁତାର ବିଜୟୀ ଏବଂ ଓସ୍କାର ଡୁଙ୍ଗଡୁଙ୍ଗ ଦ୍ୱିତୀୟ ବିଜେତା ହୋଇଥିଲେ । ସେହିପରି ହାଣ୍ଡିକାପ ୧୮-୨୪ ବର୍ଗରେ ମନୋଜ କୁମାର ମହନ୍ତ ବିଜେତା, ସୁବାଷ ଆଚ଼ାର୍ଯ୍ୟ ଉପ-ବିଜେତା ହୋଇଥିବା ବେଳେ ଲଙ୍ଗେଷ୍ଟ ଡ୍ରାଇଭ ଓ ନିଅରେଷ୍ଟ ଟୁ ପିନ ରେ ଅଂଶୁମାନ ମହାପାତ୍ର ଓ ବବଲୁ ସିକଦାର ଯଥାକ୍ରମେ ବିଜୟୀ ହୋଇଥିଲେ । ଏହି ଅବସରରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ମୁଖ୍ୟ ଅତିଥି ଓ ବନ୍ଦର ପରାମର୍ଶଦାତା ଆଶିଷ କୁମାର ବୋଷ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ । ସେହିପରି ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପ-ସଂରକ୍ଷକ କ୍ୟାପଟେନ ଅଲେଖ କୁମାର ସାହୁ, ମୁଖ୍ୟ ଯନ୍ତ୍ରୀ ହିମାଂଶୁ ରାଉତ, ବରିଷ୍ଠ ଉପସଚ଼ିବ କେ. ଥିରୁମୁଲାର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ପାରାଦୀପ ଗଲ୍ଫ କ୍ଲବ ର ସଭାପତି ଡି.ଏନ.ସୋନ୍ଧି, ସମ୍ପାଦକ ମନୋଜ ମହନ୍ତ, କାର୍ଯ୍ୟକାରୀ ସଭାପତି ବବଲୁ ସିକଦାର, ଉପସଭାପତି ସୁବାଷ ଆଚ଼ାର୍ଯ୍ୟ, ଗଲ୍ଫ କ୍ଲବ ର ଅଧିନାୟକ ଅକ୍ଷୟ ସୁତାର ପ୍ରମୁଖ ସଫଳତାର ସହ ପରିଚ଼ାଳନା କରିଥିବା ବେଳେ ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ ।

## ତହସିଲ ଛକ ରେ ଜାତୀୟ ଦଳିତ ମହାସଂଘର ଗଣଧାରଣା



କାକଟପୁର,(ପି.ଏନ): ପୁରୀଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନରେ ବାସ କରୁଥିବା ଦଳିତ ନିଷ୍ପ ?ସିତ ଗରିବ ଦିନ ମଜୁରିଆ ଲୋକ ମାନଙ୍କୁ ଅସ୍ତରଙ୍ଗ ପ୍ରଶାସନ ତରଫରୁ ବିଭିନ୍ନ କାର୍ଯ୍ୟ ରେ ନ୍ୟାୟ ଦେବାରେ ବିଫଳ ହେବା କାରଣ ରୁ ଉକ୍ତ ଲୋକ ଭୋଟ ବର୍ଜନ ପାଇଁ ନିଷ୍ପତି ନେବା ସହିତ ଆଜି ଦୋଷୀ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅସ୍ତରଙ୍ଗ ତହସିଲ ଛକ ନିକଟରେ ଏକ ଗଣଧାରଣା ଦେବା ସହିତ ଆରକ୍ଷୀ ଉପଖଣ୍ଡ ଅଧିକାରୀ ଙ୍କ ଜରିଆ ରେ ଓଡିଶା ମୁଖ୍ୟ ଶାସନ ସଚ଼ିବ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି କ୍ଷ ବରାଙ୍ଗ ଗ୍ରାମ ର ୨୩ଟି ପରିବାର ଙ୍କ ଚ଼ାଷ ଜମିରୁ ଜୋର ଜବରଦସ୍ତ ମାଟି ଉଠେଇ ନେବା, ସେମାନଂକୁ ଆକ୍ରମଣ କରିବା, ସାମାଜିକ ଓ ଶାରୀରିକ ନିର୍ଯ୍ୟାତନା ଦେବା, ଯାହାକୁ ନେଇ ଦଳିତ ପରିବାର ମାନେ ନିକଟସ୍ଥ ଥାନା ଓ ତହସିଲ ରେ ଅଭିଯୋଗ କରି ଆସୁଥିଲେ ମଧ୍ୟ ଉଚ୍ଚ଼ସ୍ତରୀୟ ତଦନ୍ତ ନେହେବା, ଆଳସାହି ରେ କୈବର୍ତ୍ତ ମାନଙ୍କ ଦ୍ୱାରା ଜବରଦଖଲ ହୋଇଥିବା ୧୨୭ ଏକର ଜମି କୁ ସରକାରୀ ଖାତା କୁ ଫେରାଇ ଆଣିବା, ଦଳିତ ଙ୍କୁ ଆକ୍ରମଣ କରିଥିବା ମୁଦାଲା ମାନଙ୍କୁ ଗିରଫ କରିବା ଆଦି ପ୍ରତିବାଦ ରେ ଆଜି ଜାତୀୟ ଦଳିତ ଆଦିବାସୀ ସଂଖ୍ୟାଲଘୁ ମହାସଂଘ ତରଫରୁ ଏକ ବିଶାଳ ଗଣଧାରଣା ଦିଆଯାଇଥିଲା,ଏଥିରେ ସଙ୍ଘ ର ରାଜ୍ୟ ସଭାପତି ବିଜୟ ସେଠୀ , ସମ୍ପାଦିକା ସ୍ୱର୍ଣ୍ଣପ୍ରିୟା ସେଠୀଙ୍କ ନେତୃତ୍ୱ ରେ ଶତାଧିକ ଦଳିତ କର୍ମୀ ଏକତ୍ରିତ ହୋଇ ଅସ୍ତରଙ୍ଗ ପ୍ରଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହିତ ତୁରନ୍ତ ସେମାନଙ୍କ ଦାବୀ ପୂରଣ ପାଇଁ ନାରାବାଜି କରିଥିଲେ । ଯଦି ଆଗାମୀ ଦିନରେ ସେମାନଙ୍କ ଦାବୀ କୁ ସ୍ଥାନୀୟ ଜିଲ୍ଲା ପ୍ରଶାସନ ଗ୍ରହଣ ନକରେ ତେବେ ଏହି ଆନ୍ଦୋଳନ ତୀବ୍ର ହେବା ସହ ରାଜ୍ୟ ସ୍ତରୀୟ ହେବ ବୋଲି ସଙ୍ଘ ର ରାଜ୍ୟ ସଭାପତି ବିଜୟ ସେଠୀ ଚେତାବନୀ ଦେଇଛନ୍ତି ।

## ତାଳଚେରରେ ମା' ହିଙ୍ଗୁଳାଙ୍କ ନବଦିନାତ୍ମକ ଯାତ୍ରାରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ



ତାଳଚେର,(ପି.ଏନ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିସ୍ୱରୂପା ମା' ହିଙ୍ଗୁଳାଙ୍କ ନବଦିନାତ୍ମକ ଯାତ୍ରାରେ ସାମିଲ ହୋଇ ମା'ଙ୍କ ଉଭାସ୍ଥଳରେ ପୂଜାର୍ଚ୍ଚନା କରିବା ସହ ବିଭିନ୍ନ ସାମାଜିକ ଓ ରାଜନୈତିକ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ମା' ହିଙ୍ଗୁଳାଙ୍କ ଦର୍ଶନ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଅଗ୍ନିରୂପା ମା' ହେଉଛନ୍ତି ଶ୍ରୀକ୍ଷେତ୍ର ରୋଷଘର ଠାକୁରାଣୀ । ମା'ଙ୍କ ଦର୍ଶନ ସହ ଉଭାସ୍ଥଳରେ ପୂଜାର୍ଚ୍ଚନା କରିବା ମୋର ସୌଭାଗ୍ୟ । ଆବାହମାନକାଳରୁ ଜାରି ରହିଥିବା ଏହି ପରମ୍ପରା ଭକ୍ତଙ୍କ ଭରସା ଓ ବିଶ୍ୱାସର ପ୍ରତୀକ । ମା' ଆଶୀର୍ବାଦରେ ବିକଶିତ ଓଡ଼ିଶା ଓ ବିକଶିତ ଭାରତର ସ୍ୱପ୍ନ ପୂରଣ ହେଉ । ଓଡ଼ିଆ ଅସ୍ମିତା ସର୍ବଦା ବଜାୟ ରହିବା ସହ ସମସ୍ତ ଶ୍ରଦ୍ଧାଳୁଙ୍କ ମନୋସ୍କାମନା ପୂରଣ ହେଉ ବୋଲି ମା'ଙ୍କ ପାଖରେ ପ୍ରାର୍ଥନା କରିଥିଲେ କେନ୍ଦ୍ରମନ୍ତ୍ରୀ । ସେହିପରି ଯାତ୍ରାରେ ନାଗରିକଙ୍କ ସହ ସାମିଲ ହୋଇ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବିତରଣ କରିଥିଲେ । କୋରାପୁଟର ଗୁପ୍ତେଶ୍ୱରରୁ ଆସିଥିବା ଜଣେ ଦୋକାନୀଙ୍କ ଠାରୁ ଝୁଣା କରିବା ସହ ଘରୋଇ ଉପକରଣ ସାମଗ୍ରୀ କିଣିଥିଲେ । ଏହାବ୍ୟତିତ ସେବା କାର୍ଯ୍ୟରେ ନିୟୋଜିତ 'ଓଡ଼ିଶା ଡ୍ରାଇଭର ମହାସଂଘ'ର କର୍ମଚ଼ାରୀ ମାନଙ୍କୁ ଭେଟି ସେମାନଙ୍କ କାର୍ଯ୍ୟକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଥିଲେ । ସେ କହିଛନ୍ତି ଏକ ଦାୟିତ୍ୱ ସମ୍ପନ୍ନ ଗୋଷ୍ଠୀ ଭାବେ ସମାଜ ନିର୍ମାଣରେ ବଡ ଯୋଗଦାନ ରଖୁଥିବା ଡ୍ରାଇଭର ମହାସଂଘ ଆଜି ଭଳି ଦିନରେ ଜୀବିକା ସହ ମାନବସେବା କାର୍ଯ୍ୟରେ ଲାଗିବା ପ୍ରଶଂସନୀୟ । ଓଡିଶାରେ ନିଃସ୍ୱାର୍ଥପର ଭାବେ ଜନସଂଗଠନ କାମରେ ଲାଗିଥିବା ଓଡ଼ିଶା ଡ୍ରାଇଭର ମହାସଂଘ ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ । ତାଳଚେର ଓ ଅନୁଗୋଳରେ ପରିବହନ ସୁବିଧା ଏବଂ ଅର୍ଥନୀତିକୁ ମଜଭୂତ୍ କରିବାରେ ସେମାନଙ୍କ ଯୋଗଦାନ ଅତୁଳନୀୟ । କେନ୍ଦ୍ରମନ୍ତ୍ରୀ ଙ୍କ ସହ ତାଙ୍କ ଧର୍ମପତ୍ନୀ ତଥା ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ର ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ, ବିଜେପି ଢେଙ୍କାନାଳ ଲୋକସଭା ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି,ବିଜେପି ତାଳଚେର ବିଧାନସଭା ପ୍ରାର୍ଥୀ କାଳନ୍ଦି ସାମଲ,ବିଜେପି ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରା, ବିଜେପି ଅନୁଗୁଳ ଯୋନ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ,ହିଙ୍ଗୁଳା ମଣ୍ଡଳ ସଭାପତି ରାଜେନ୍ଦ୍ର ସିଂହ,ଶ୍ରମିକ ନେତା ଅରୁଣ କୁମାର ପ୍ରଧାନ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।ଏହା ପରେ ଛେଣ୍ଡିପଦା ନିର୍ବାଚ଼ନମଣ୍ଡଳୀ ଅନ୍ତର୍ଗତ କୁଲେଇ ଗ୍ରାମରେ ମା' କଳାପାଟ ମନ୍ଦିର, ତୁବେ ଗ୍ରାମ ପଞ୍ଚାୟତରେ ମା' ହିଙ୍ଗୁଳା ମନ୍ଦିର, ମହାପ୍ରଭୁ ବ୍ରଜମୋହନ ମନ୍ଦିରରେ ଦର୍ଶନ କରିଥିଲେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ । ଦର୍ଶନ ଲାଭ କରିବା ପରେ ସ୍ଥାନୀୟ ଅଞ୍ଚଳର ଗୁରୁଜନ ଓ ମାତୃଶକ୍ତିଙ୍କୁ ଭେଟି ମୋଦୀଙ୍କୁ ଦେଶରେ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବା ସହ ଓଡ଼ିଶାରେ ବିଜେପିର ସରକାର କରିବା ପାଇଁ ସହଯୋଗ କାମନା କଲି । ଜନତାଙ୍କ ଆକାଂକ୍ଷା ଓ ଅପେକ୍ଷାକୁ ପୂରଣ କରିବା ପାଇଁ ମୋଦୀ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ ।

## ଗାଁ ସାଥୀଙ୍କ ସାଂଗଠନିକ କର୍ମଶାଳା ଅନୁଷ୍ଠିତ



କେନ୍ଦ୍ରାପଡ଼ା,(ପି.ଏନ): ଗାଁ ସାଥୀ(ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ଓଡିଶା ପ୍ରଦେଶ ଶାଖାର ଆହ୍ୱାନ କ୍ରମେ କେନ୍ଦ୍ରାପଡା ଜିଲ୍ଲା ଶାଖା ସଂଘର ସଭାପତି ଅନିଲ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଗରାପୁରସ୍ଥିତ ଶ୍ରୀ ଗୋପାଳଜୀୟୁଙ୍କ ମନ୍ଦିର ପରିସରରେ ଜିଲ୍ଲା ଓ ବ୍ଲକ କମିଟିର ଶତାଧିକ ସଭ୍ୟସଭ୍ୟାଙ୍କୁ ନେଇ ଏକ ସାଂଗଠନିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂଗଠନର ରାଜ୍ୟ ସଭାପତି ଲକ୍ଷ୍ମୀଧର ବିଶ୍ୱାଳ ଯୋଗ ଦେଇଥିଲେ । ବୈଠକରେ ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇ ବାର୍ଷିକ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଥିଲା । ସଂଗଠନର ଜିଲ୍ଲା ଓ ବ୍ଲକ କମିଟିଗୁଡିକର ପୁନର୍ଗଠନ କରାଯାଇଥିଲା । ଏହି ବୈଠକରେ ମୁଖ୍ୟତଃ ତିନୋଟି ପ୍ରସଙ୍ଗ ବିଷୟରେ ଗଣମାଧ୍ୟମକୁ ଜଣାଇବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା । ପ୍ରଥମରେ ଜିଲ୍ଲାରେ ଗତ ଚାରିବର୍ଷ ଧରି ହଜାର ହଜାର ଗାଁ ସାଥୀ(ମେଟ୍) ମନରେଗା (ଏମ୍‌ଜିଏନ୍‌ଆରଇଜିଏସ୍) କାର୍ଯ୍ୟ କରି ମଧ୍ୟ ସେମାନଙ୍କର ପ୍ରାପ୍ୟ ଏଯାବତ୍ ପାଇନାହାଁନ୍ତି । ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ପରେ ମଧ୍ୟ କୌଣସି ବ୍ଲକରେ କିଛି ବି ଫଳାଫଳ ହୋଇନାହିଁ । ଏଣୁ ଏ ବାବଦରେ ତୁରନ୍ତ ଲେବର କୋର୍ଟରେ ହଜାର ହଜାର ସଂଖ୍ୟାରେ ଦ୍ୱାରସ୍ଥ ହେବା ପାଇଁ ବିଗତ ବୈଠକ ଅନୁଯାୟୀ ସଂଘ ନିଷ୍ପତ୍ତି ଗ୍ରହଣ କରିଛି । ଦ୍ୱିତୀୟରେ ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସଂଘର ଜିଲ୍ଲା ଓ ବ୍ଲକ ସ୍ତରର ସମସ୍ତ କେନ୍ଦ୍ରାପଡାର ବର୍ତ୍ତମାନ ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ମିଳିତ ଭାବେ ସାକ୍ଷାତ ନିମନ୍ତେ ସ୍ଥାନ ସମୟ ସ୍ଥିତ କରିବା ପାଇଁ ରାଜ୍ୟ ସଭାପତି ଶ୍ରୀ ବିଶ୍ୱାଳଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ସେହି ମିଳିତ ସାକ୍ଷାତ ସମୟରେ ସଂଘ ପକ୍ଷରୁ କିଛି ନିବେଦନ ଶ୍ରୀ ପଣ୍ଡାଙ୍କ ନିକଟରେ ରଖାଯିବ । ଯଦି ତାହାର ସାକାରତ୍ମକ ଶୁଣାଣି ହୁଏ ତେବେ ଜିଲ୍ଲାର ସମସ୍ତ ଗାଁ ସାଥି(ମେଟ) ମାନେ ଗୁଣ୍ଡୁଚି ମୂଷାର ଭୂମିକା ଗ୍ରହଣ କରି ଶ୍ରୀ ପଣ୍ଡା ମହୋଦୟଙ୍କୁ କେନ୍ଦ୍ରାପଡାର ସାଂସଦ ଭାବରେ ବିଜୟୀ କରିବା ପାଇଁ ପ୍ରାଣପଣେ ଉଦ୍ୟମ କରିବେ । ନଚେତ୍ ସଂଘ ତାହାର ନିଷ୍ପତ୍ତିର ବିକଳ୍ପ ବିଚାର କରିବା ପାଇଁ ବାଧ୍ୟ ହେବ ବୋଲି ସଂଘର ରାଜ୍ୟ ସଭାପତି ଶ୍ରୀ ବିଶ୍ୱାଳ ଜଣାଇଛନ୍ତି । ତୃତୀୟରେ ଚଳିତବର୍ଷ ମଇ ମାସ ୨୨ତାରିଖ ସକାଳ ୮ଘଟିକା ସୁଧା କେନ୍ଦ୍ରାପଡା ସଂସଦିୟ କ୍ଷେତ୍ରର ସମସ୍ତ ଗାଁ ସାଥି(ମେଟ୍) ଓ ଉପକୂଳବର୍ତ୍ତୀ ଓଡିଶାର ସମସ୍ତ ଜିଲ୍ଲା ଓ ବ୍ଲକ କର୍ମକର୍ତ୍ତାମାନେ ସ୍ଥାନୀୟ ଶ୍ରୀ ବଳଦେବଜୀୟୁଙ୍କ ମନ୍ଦିରଠାରେ ପହଞ୍ଚି ଏକ ବିଶାଳ ଶପଥ ସମାରୋହ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସେଠାରେ ନିର୍ବାଚନ ପରିପ୍ରେକ୍ଷୀରେ ସଂଘର ପଦକ୍ଷେପକୁ ସ୍ପଷ୍ଟ କରାଯିବ । ଏଥିପାଇଁ ଚଳିତ ଅପ୍ରେଲ ୨୮ ତାରିଖ ସକାଳ ୯ ଘଟିକାରେ ସ୍ଥାନୀୟ ଗରାପୁରସ୍ଥିତ ଶ୍ରୀ ଗୋପାଳଜୀୟୁଙ୍କ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ କରାଯିବା ପାଇଁ ସଂଘ ସ୍ଥିର କରିଛି । ଏହି ସମାବେଶରେ ସମ୍ପାଦକ ବିଜୟ କୁମାର ବେହେରା, ଉପେନ୍ଦ୍ର କୁମାର ସାହୁ, ନିରଞ୍ଜନ ମଲ୍ଲିକ, ପ୍ରଶାନ୍ତ କୁମାର ଦାସ, ବରଦା କାନ୍ତ ପାତ୍ର, ମମତା ନାୟକ, ଜ୍ୟୋସ୍ନାରାଣୀ ଜେନା, ସରୋଜ ବେହେରା, ରଶ୍ମିତା ପୃଷ୍ଟି, ଶିଶିର ଦାସ, ଇନ୍ଦ୍ରମଣୀ ସାହୁ, ପ୍ରମୋଦ ରାଉତ, ରାଜୀବ ସାହୁ, ଅନୁକମ୍ପା ସାହୁ, ଅନିତା ଦାସ, କୌଶଲ୍ୟା, ସୁରେଶ ସାମଲ, ପ୍ରତାପ ପଡିହାରୀ, କବିର ବସନ୍ତିଆ, ସୁବାଷ ପରିଡା, ନରହରି ଜେନା, ମନୋଜ ସାହୁ, ଜଳଧର ଓଝା, ଭାନୁମତି ଦାସ, ବନିତା ଓଝା, ନଳିନୀକାନ୍ତ ଖୁଣ୍ଟିଆ, ନିତ୍ୟ ସୁନ୍ଦର ଜେନା, ଶଶିଭୂଷଣ ରାଉତ, ରବିନ୍ଦ୍ର ରାଉତ ପ୍ରମୁଖ ଶତାଧିକ ଜିଲ୍ଲା ଓ ବ୍ଲକ କର୍ମକର୍ତ୍ତାମାନେ ଏହି ସମାବେଶରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray